ଆଜି - ଶନିବାର
ତାରିଖ - ୦୭ ମାର୍ଚ୍ଚ ୨୦୨୬
ମାସ - କୁମ୍ଭ, ଦିନ - ୨୩
ତିଥି - ଚତୁର୍ଥୀ - ଶୁକ୍ଳ
ନକ୍ଷତ୍ର - ଚିତ୍ରା, ତୁଳା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୦୭: ୦୦
ସୂର୍ଯ୍ୟାସ୍ତ - ୫ : ୪୦ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ଏକ କ୍ଷୁଦ୍ର କାରଣରୁ ଏକ ବିଶାଳ ପରିଣାମର ଆବିର୍ଭାବ ଘଟେ, ଯେମିତି ବଟ ବୃକ୍ଷର କ୍ଷୁଦ୍ର ବୀଜରୁ ବିଶାଳ ବଟ ବୃକ୍ଷ ସୃଷ୍ଟି ହୁଏ । ସେମିତି କ୍ଷୁଦ୍ର ଘଟଣାଟଏ, କିନ୍ତୁ ବିରାଟ ଘଟଣା ଉତ୍ପନ୍ନ କରେ ।"
- ଗୌତମ ବୁଦ୍ଧ

E-mail: ajikalibls@gmail.com

E-News : www.theajikali.com

Vol.- 40 ISSUE- 322 R.N.I. REGD. No. 44026/86 ବାଲେଶ୍ୱର ୦୭ ମାର୍ଚ୍ଚ ୨୦୨୬ ଶନିବାର BALASORE 07 MARCH 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଦୁଇଦିନିଆ ପଶ୍ଚିମବଙ୍ଗ ଗସ୍ତରେ ରାଷ୍ଟ୍ରପତି

ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓ କାଲି ପଶ୍ଚିମବଙ୍ଗ ଗସ୍ତରେ ଯାଇଛନ୍ତି । ସେଠାରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଭବନ ଅନୁସାରେ, ମୁର୍ମୁ ୬ ମାର୍ଚ୍ଚରେ ଦାର୍ଜିଲିଂ ରେ 'ବନ୍ଦେ ମାତରଂ' ର ୧୫୦ତମ ବର୍ଷପୂର୍ତ୍ତି ଅବସରରେ ଆୟୋଜିତ ଦାର୍ଜିଲିଂ ହିଲ୍ ଫେଷ୍ଟିଭାଲର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସେ ଦାର୍ଜିଲିଂର ଲୋକଭବନରେ 'ରୁଟ୍ସ ଏଣ୍ଡ ରିଦମ୍ସ' ଶୀର୍ଷକରେ ଆୟୋଜିତ ଏକ ପ୍ରଦର୍ଶନୀର ଉଦ୍ଘାଟନ ମଧ୍ୟ କରିଛନ୍ତି । ରାଷ୍ଟ୍ରପତି ଆଇଆଇଟି ଖଡଗପୁରରେ ମହିଳା ନେତୃତ୍ୱ ଓ ସଶକ୍ତିକରଣ ବିଷୟରେ ଆୟୋଜିତ ପ୍ଲାଟିନମ୍ ଜୁବଲି ଫ୍ଲାଗଶିପ କାର୍ଯ୍ୟକ୍ରମର ମଧ୍ୟ ଭର୍ଚୁଆଲ୍ ମାଧ୍ୟମରେ ଉଦ୍ଘାଟନ କରିବେ ।



## କୃଷି ଓ ଗ୍ରାମୀଣ ରୂପାନ୍ତରଣ ଉପରେ ଚଳିତ ବର୍ଷର ବଜେଟରେ ବିଶେଷ ଗୁରୁତ୍ୱ ଦିଆଯାଇଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି 'କୃଷି ଏବଂ ଗ୍ରାମୀଣ ରୂପାନ୍ତରଣ' ବିଷୟ ଉପରେ ପର୍ଯ୍ୟବେଶିତ ତୃତୀୟ ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କରିଥିଲେ । ପ୍ରଯୁକ୍ତିବିଦ୍ୟା ଏବଂ ଅର୍ଥନୈତିକ ବିକାଶ ଉପରେ ପର୍ଯ୍ୟବେଶିତ ପୂର୍ବ ଅଧିବେଶନଗୁଡ଼ିକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବଜେଟ୍ ଗଠନ ସମୟରେ ଅଂଶୀଦାରମାନେ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ଏବେ, ବଜେଟ୍ ପରେ, ଦେଶ ଏହାର ପୂର୍ଣ୍ଣ ସମ୍ଭାବନାକୁ ବ୍ୟବହାର କରିବା ବି ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ, ଏବଂ ସେଥିପାଇଁ ଆପଣମାନଙ୍କ ପରାମର୍ଶ ବେଶ ଗୁରୁତ୍ୱପୂର୍ଣ୍ଣ ଏବଂ ସେହି କାରଣରୁ ଏହି ୱେବିନାରଟି ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ କୃଷି ହେଉଛି ଭାରତୀୟ ଅର୍ଥନୀତିର ମୁଖ୍ୟ ଆଧାର ଏବଂ ଦେଶର



ଦୀର୍ଘକାଳୀନ ବିକାଶ ଯାତ୍ରା ପାଇଁ ଏକ ରଣନୈତିକ ସ୍ତମ୍ଭ । 'ଆମ ସରକାର ନିରନ୍ତର କୃଷି କ୍ଷେତ୍ରକୁ ମଜବୁତ କରିଛି', ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ । ପ୍ରଧାନମନ୍ତ୍ରୀ ପୂର୍ବରୁ ଥିବା ଯୋଜନାଗୁଡ଼ିକର ସଫଳତା ସମ୍ପର୍କରେ ତଥ୍ୟ ପ୍ରଦାନ କରି କହିଥିଲେ ଯେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଅଧିନରେ ୧୦ କୋଟି ଚାଷୀ ୪ ଲକ୍ଷ କୋଟିରୁ ଅଧିକ ଟଙ୍କା ପାଇଛନ୍ତି ଏବଂ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା' ଅଧୀନରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ବୀମା ଦାବି ସମାଧାନ କରାଯାଇଛି ।

## ମୁଣ୍ଡଳିଠାରେ ସିଆଇଏସଏଫର ୫୭ତମ ପ୍ରତିଷ୍ଠା ଦିବସ ସମାରୋହକୁ ସମ୍ବୋଧିତ କଲେ ଅମିତ ଶାହ



ଭୁବନେଶ୍ୱର : କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଓଡ଼ିଶାର ମୁଣ୍ଡଳିରେ ସିଆଇଏସଏଫର ୫୭ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦବୋଧନ ଦେଇଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ୮୯୦ କୋଟି ଟଙ୍କା ବ୍ୟୟରେ ତିନୋଟି ସିଆଇଏସଏଫ ଆବାସିକ କମ୍ପ୍ଲେକ୍ସ (କାମରୂପ, ନାସିକ ଏବଂ ସେହୋର) ର ଶିଳାନ୍ୟାସ କରିଥିଲେ । ସେ ମଧ ଦୁଇଟି ଆବାସିକ କମ୍ପ୍ଲେକ୍ସ (ରାଜରହାଟ ଏବଂ ଦିଲ୍ଲୀ)କୁ ଉଦଘାଟନ କରିଥିଲେ । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଗୃହ ସଚିବ ଏବଂ ସିଆଇଏସଏଫର ମହାନିର୍ଦ୍ଦେଶକଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ, ଆଜି ୫୬ ବର୍ଷ ପୂରଣ କରିଥିବା ସିଆଇଏସଏଫ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଶୂନ୍ୟରୁ ଶୀର୍ଷରେ ପହଂଚିପାରିଛି । ଏହି ସମୟ ମଧ୍ୟରେ ଏହି କେନ୍ଦ୍ରୀୟ ବଳ ନିଜ ପୁରୁଷାର୍ଥର ଦୃଢ଼ ଗାଥା ରଚନା କରିଛି । ସେ କହିଥିଲେ, ଶିଳ୍ପ ବିକାଶ ବିନା ଏକ ଶକ୍ତିଶାଳୀ ଦେଶ, ଏକ ଶକ୍ତିଶାଳୀ ଅର୍ଥବ୍ୟବସ୍ଥା ଏବଂ ଭାରତକୁ ବିଶ୍ୱର ସର୍ବବୃହତ ଅର୍ଥବ୍ୟବସ୍ଥା କରିବାର ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ । ଶିଳ୍ପ ବିକାଶ ପାଇଁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିବା ନିମନ୍ତେ ଜାତୀୟ ସ୍ତରର ଏକ ଶିଳ୍ପ ସୁରକ୍ଷା ବାହିନୀର ଆବଶ୍ୟକତା ରହିଛି । ଗତ ୫୬ ବର୍ଷ ମଧ୍ୟରେ, ସିଆଇଏସଏଫ କେବଳ ନିଜ ପ୍ରତିଷ୍ଠାର ଉଦ୍ଦେଶ୍ୟ ପୂରଣ କରିନାହିଁ ବରଂ ସମସ୍ତ ପ୍ରକାରର ଆହ୍ୱାନରୁ ଶିକ୍ଷା ନେଇ ସମୟ ସହିତ ଖାପ ଖୁଆଇବାକୁ ଚେଷ୍ଟା କରିଛି । ସିଆଇଏସଏଫ ଆଧୁନିକତାକୁ ଗ୍ରହଣ କରିଛି ଏବଂ ପରମ୍ପରାକୁ ଜୀବନ୍ତ ରଖିଛି । ସିଆଇଏସଏଫ ଭାରତର ସମୃଦ୍ଧ ଇତିହାସ ସହିତ ବୀରତ୍ୱ, ତ୍ୟାଗ ଏବଂ ସମର୍ପଣର ପରମ୍ପରାକୁ ମିଶ୍ରଣ କରି ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସମସ୍ତ ପ୍ରକାରର ଆହ୍ୱାନକୁ ମୁକାବିଲା କରିବାର ଦୃଢ଼ ମନୋବଳ ପ୍ରଦର୍ଶନ କରିଛି । ଶ୍ରୀ ଅମିତ ଶାହ କହିଥିଲେ, ସିଆଇଏସଏଫ ବିନା ଭାରତର ଶିଳ୍ପ ବିକାଶ କଳ୍ପନା କରାଯାଇପାରିବ ନାହିଁ । ସିଆଇଏସଏଫ ସର୍ବଦା ରାଷ୍ଟ୍ରର ଢାଲ ରୂପେ ଦୃଢ଼ ଭାବରେ ଠିଆ ହୋଇଛି । ସେ ଆହୁରି କହିଥିଲେ, ନିକଟରେ ଗୃହ ମନ୍ତ୍ରଣାଳୟ ସମସ୍ତ ବନ୍ଦରର ସୁରକ୍ଷା ସିଆଇଏସଏଫ ଉପରେ ନ୍ୟସ୍ତ କରିବାକୁ ନିଷ୍ପତି ନେଇଛି ।

## ସିବିସି ଓ ପିଆଇବି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

### ପ୍ରତିଯୋଗିତା ନୁହେଁ, ସହଭାଗିତା ହିଁ ସନ୍ତୁଳିତ ସମାଜ ଗଠନର ଆଧାର : ପିଆଇବି ଏଡିଜି




ଭୁବନେଶ୍ୱର : ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଏବଂ ପତ୍ର ସୂଚନା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଜି 'ଅନ୍ତର୍ଜାତୀୟ ମହିଳା ଦିବସ' ଉପଲକ୍ଷେ ଏକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ଡିଜିଟାଲ କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟକୁ ଦୂରକରିବା' ବିଷୟ ଉପରେ ଏଠାରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ ପିଆଇବି ଏବଂ ସିବିସି (ଓଡ଼ିଶା ଓ ଝାଡ଼ଖଣ୍ଡ ଅଂଚଳ)ର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆୟକର ବିଭାଗର ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ଆୟୁକ୍ତ ଶ୍ରୀମତୀ ପରମିତା ଶତପଥୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେବି କଲେଜର ସମାଜଶାସ୍ତ୍ର ବିଭାଗର ପ୍ରାଧାପିକା ▶▶ପୃଷ୍ଠା-୬ ରେ






# ଅବ୍ୟବସ୍ଥା ଘେରରେ ବାଲେଶ୍ୱର ଆରଏମଏସ୍ କାର୍ଯ୍ୟାଳୟ

ବାଲେଶ୍ୱର(ନି.ପ୍ର.) ୧୭୧ ବର୍ଷର ଗୌରବମୟ ଐତିହ୍ୟ ମଧ୍ୟରେ ସମଗ୍ର ଦେଶର ୧.୫ ଲକ୍ଷରୁ ଅଧିକ ଡାକଘର ସହିତ ଭାରତୀୟ ଡାକ ବିଭାଗ ବିଶ୍ୱର ସର୍ବାଧିକ ବିସ୍ତୃତ ଡାକ ବ୍ୟବସ୍ଥା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ରୀୟ ଯୋଗାଯୋଗ ବିଭାଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନେତୃତ୍ୱରେ ଡାକ ବିଭାଗକୁ ଅଧିକ କ୍ରିୟାଶୀଳ ପାଇଁ ଗୁରୁତ୍ୱ ଦିଆଯାଉଥିବା ବେଳେ ବାଲେଶ୍ୱରରେ ଆରଏମଏସ୍ କାର୍ଯ୍ୟାଳୟ ସମସ୍ୟା ଘେରରେ ପଡ଼ିଥିବା ଜଣାପଡିଛି । ବାଲେଶ୍ୱର ରେଳ ଷ୍ଟେସନରେ ପରିଚାଳିତ ଆରଏମଏସ୍ କାଯ୍ୟାଳୟ ପ୍ରାୟ ୧୨୮ ବର୍ଷର ପୁରୁଣା । ଏ ଯାବତ ରେଳଷ୍ଟେସନ୍ ?ର ୨ନଂ ପ୍ଲାଟଫର୍ମ ସ୍ଥିତ ପୁରୁଣା ଭବନରେ ପ୍ରାୟ ୨୮୦ ବର୍ଗ ମିଟର ଅର୍ଥାତ ପ୍ରାୟ ୩ହଜାର ବର୍ଗ ଫୁଟ୍ ସ୍ଥାନରେ ଏହା କାର୍ଯ୍ୟ କରୁଥିଲା । ମାତ୍ର ଅମୃତ ଭାରତ ଷ୍ଟେସନ ଯୋଜନାରେ ପୁନଃର୍ବିକଶିତ ହେଉଥିବା ବାଲେଶ୍ୱର ରେଳ ଷ୍ଟେସନର ନବ ନିର୍ମିତ ଭବନରେ କେବଳ ୧୮୫ ବର୍ଗ ମିଟର ଅର୍ଥାତ ପ୍ରାୟ ୨ହଜାର ବର୍ଗ ଫୁଟ୍ ସ୍ଥାନ ଆରଏମଏସ୍ କାର୍ଯ୍ୟାଳୟ ପାଇଁ ବ୍ୟବସ୍ଥା କରାଯାଇଛି । ଦିନକୁ ଦିନ କାର୍ଯ୍ୟଭାରରେ ଚାପଗ୍ରସ୍ତ



ଆରଏମଏସ ପାଇଁ ଅଧିକ ସ୍ଥାନର ଆବଶ୍ୟକତା ନେଇ ଦୀର୍ଘ ଦିନରୁ ରେଳ କର୍ତ୍ତୃପକ୍ଷଙ୍କୁ ଅଗବତ କରାଯାଇଥିବା ସତ୍ୱେ ୧୨୮ ବର୍ଷ ପୂର୍ବରୁ ଯେତିକି ସ୍ଥାନ ଦିଆଯାଇଥିଲା, ନୂତନ ଭବନରେ ତାହା ଠାରୁ କମ୍ ସ୍ଥାନର ବ୍ୟବସ୍ଥା କରାଯାଇଛି । କାର୍ଯ୍ୟର ଚାପ ଅନୁଯାୟୀ ଅଧିକ ସ୍ଥାନ ଦେବା ପାଇଁ ରେଳ କର୍ତ୍ତୃପକ୍ଷ କୁଣ୍ଠାବୋଧ ପ୍ରକାଶ କରୁଥିବା ଜଣାପଡିଛି । ଅତ୍ୟନ୍ତ ପକ୍ଷେ ପୂର୍ବରୁ ଦିଆଯାଇଥିବା ୩ହଜାର ବର୍ଗ ଫୁଟ୍ ମାପ ଅନୁସାରେ ନୂତନ ସ୍ଥାନ ଦେବା ନେଇ ବାରମ୍ବାର ଅନୁରୋଧକୁ ଅଗ୍ରାହ୍ୟ କରାଯାଉଛି । ବୃଦ୍ଧିଶୀଳ କାର୍ଯ୍ୟ ସମ୍ପାଦନ ପାଇଁ ଅତିରିକ୍ତ ହଜାରେ ବର୍ଗ ଫୁଟ୍ ଆବଶ୍ୟକ ହେଉଥିବା ସତ୍ୱେ ରେଳ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଚାଲିଛନ୍ତି । ନୂତନ ଭବନରେ କାର୍ଯ୍ୟାଳୟ ପାଇଁ ଆବଂଟିତ ୨ହଜାର ବର୍ଗ ଫୁଟ୍ ସ୍ଥାନ ଆରଏସଏସର ଦୈନିନ୍ଦିନ କାର୍ଯ୍ୟଧାରାରେ ଘୋର ସମସ୍ୟା ସୃଷ୍ଟି କରିବ । ନୂତନ କାର୍ଯ୍ୟାଳୟରେ ଅବ୍ୟବସ୍ଥିତ ବିଶ୍ରାମ କକ୍ଷରେ ଦୁଇଟି ସିଙ୍ଗଲ୍ ବେଡ୍ ରଖିବା ପାଇଁ ସ୍ଥାନ ନଥିବା ବେଳେ ପ୍ରାକୃତିକ ବାୟୁ ଚଳାଚଳ ପାଇଁ ଝରକ ନଥିବାରୁ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେବେ । ଡାକ ସେବା ପାଇଁ ଉଦ୍ଦିଷ୍ଟ ଏମ୍ ?ପିସିଏମ୍ କାଉଂଟରକୁ ଅତ୍ୟନ୍ତ ସଂକୁଚିତ ଓ ଅସୁବିଧାଜନକ ସ୍ଥିତିରେ ନିର୍ମାଣ କରାଯାଇଛି, ଯେଉଁଥିଲେ କାର୍ଯ୍ୟ ସମ୍ପାଦନରେ ଜଣେମାତ୍ର କର୍ମଚାରୀଙ୍କ ପାଇଁ ବି ନାନାଦି ସମସ୍ୟା ସୃଷ୍ଟି ହେବ । ସେହିପରି ଆରଏମଏସ କାର୍ଯ୍ୟାଳୟରୁ ଡାକ ପରିବହନ ପାଇଁ ପ୍ଲାଟଫର୍ମ ସହିତ ସୁବିଧାଜନକ ରାସ୍ତା ନିର୍ମାଣ ହୋଇନଥିବାରୁ ସର୍ବଦା ଡାକ ଚଳାଚଳରେ ବିଳମ୍ବ ହେବା ସମ୍ଭାବନା ରହିଛି । ଡାକସେବା କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା କମ୍ପ୍ୟୁଟର ପାଇଁ ଆବଶ୍ୟକୀୟ ସ୍ୱିଚ୍ ବୋର୍ଡ୍ ଲଗାଯାଇନାହିଁ କି ୟୁପିଏସ ପାଇଁ ପୃଥକ ୱାୟାରିଂ ବ୍ୟବସ୍ଥା ନାହିଁ । ନିକଟ ଅତୀତରେ ବାଲେଶ୍ୱର ଆରଏମଏସ୍ ସହ ଭଦ୍ରକ ଆରଏମଏସ ମିଶ୍ରଣ ଯୋଗୁଁ ଅନ୍ୟୁନ ଅଧିକ ହଜାରେ ବର୍ଗ ଫୁଟ୍ ସ୍ଥାନ ଆବଶ୍ୟକ ହେଉଛି । କାର୍ଯ୍ୟାଳୟର ପୁରୁଷ ଓ ମହିଳା କର୍ମଚାରୀମାନଙ୍କ ପାଇଁ ପୃଥକ ଶୌଚାଳୟ ବ୍ୟବସ୍ଥା ନଥିବା ଆରଏମଏସ ପ୍ରତି ରେଳ ବିଭାଗ କର୍ତପକ୍ଷଙ୍କ ଚରମ ଅବହେଳାକୁ ସ୍ପଷ୍ଟ ପ୍ରମାଣିତ କରିଛି । କେନ୍ଦ୍ର ସରକାର ଡାକ ବିଭାଗକୁ ଆଧୁନିକ ଓ ସୁଦୃଢ଼ କରିବା ଦିଗରେ ପ୍ରତିବଦ୍ଧତା ପ୍ରଦର୍ଶନ କରୁଥିବା ବେଳେ ରେଳ କର୍ତ୍ତୃପକ୍ଷଙ୍କ ଏହିଭଳି ଅବହେଳା ଅତ୍ୟନ୍ତ ଦୁଃଖଦାୟକ । ବାଲେଶ୍ୱର ଆରଏମଏସ୍ କାର୍ଯ୍ୟାଳୟ ପାଇଁ ଆବଶ୍ୟକୀୟ ସଂଶୋଧନ ସହିତ ନୂତନ ଭବନରେ ଅନ୍ୟୁନ ୪ହଜାର ବର୍ଗ ଫୁଟ୍ ସ୍ଥାନ ସହିତ ଭବିଷ୍ୟତର ଆବଶ୍ୟକତା ପାଇଁ ଅତିରିକ୍ତ ହଜାରେ ବର୍ଗ ଫୁଟ୍ ସ୍ଥାନର ବ୍ୟବସ୍ଥା ପାଇଁ ପଦକ୍ଷେପ ନେବା ଲାଗି ଆରଏମଏସର କର୍ମ କର୍ତା ମାନେ ଦାବି ଜଣାଇଛନ୍ତି । ଏ ସମ୍ପର୍କରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସଦର ବିଧାୟକ ମାନସ କୁମାର ଦତ ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରମୁଖଙ୍କ ସମେତ ସେମାନଙ୍କ ମାଧ୍ୟମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଦ୍ୱାରା ଅବଗତ କରାଯାଇଛି ବୋଲି ସେମାନେ କହିଛନ୍ତି । ସମ୍ପ୍ରତି ରେଳ ବିଭାଗର ଉଦାସୀନତା ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟାକୁ ଶୀଘ୍ର ସମାଧାନ କରାନଗଲେ ଆଗାମୀ ଦିନରେ ରେଳ ଡାକ ସେବାର ସୁପରିଚାଳନା ବ୍ୟାହତ ହେବା ସହିତ ସାଧାରଣ ଲୋକଙ୍କ ପାଇଁ ଡାକ ସେବା ପ୍ରଭାବିତ ହେବା ନିଶ୍ଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ! ଏତଦ୍ ବ୍ୟତୀତ ଆରଏମ୍ଏସର ସମସ୍ତ କର୍ମକର୍ତା ସଙ୍ଗବଦ୍ଧ ଭାବରେ ଦଳମତ ନିର୍ବିଶେଷରେ ଅତି ନିକଟରେ ରେଳବାଇ କର୍ତ୍ତୁପକ୍ଷଙ୍କ ବିରୋଧରେ ଜନସାଧାରଣଙ୍କ ସହିତ ଏକତ୍ରୀତ ହୋଇ ଏକ ବୃହତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ବରିଷ୍ଠ ନାଗରିକଙ୍କ ପାଇଁ ଜିଲ୍ଲାସ୍ତରୀୟ ସଚେତନତା ଶିବିର

ବାଲେଶ୍ୱର,(ନି.ପ୍ର.) ପିତାମାତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭ ବିଷୟରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମାନ୍ୟବର ଜିଲ୍ଲା ପରିଷଦ ଅଧକ୍ଷ, ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀଯୁକ୍ତ ସୁଧାକର ନାଏକ, ପୌରାଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ହେଲ୍ପ ଏଜ୍ ଇଣ୍ଡିଆ, ଭୁବନେଶ୍ୱର ରାଜ୍ୟ ପ୍ରତିନିଧି ଶ୍ରୀମତୀ ଦେବଶ୍ରୀ ବ୍ରହ୍ମ ପ୍ରମୁଖ




ମଂଚାସୀନ ଥିଲ । ଜିଲ୍ଲା ସାମାଜିକ ଅଧିକାରିଣୀ ପ୍ରତିଭା ବେହେରା ସଚେତନ ଶିବିରର ଆଭିମୁଖ୍ୟ ବିଷୟରେ ଉପସ୍ଥିତ ଥିବା ବରିଷ୍ଠ ନାଗରିକ ମାନଙ୍କୁ ସଚେତନତା କରାଇଥିଲେ । ହେଲ୍ପ ଏଜ୍ ଇଣ୍ଡିଆ, ଭୁବନେଶ୍ୱର ରାଜ୍ୟ ପ୍ରତିନିଧି ଶ୍ରୀମତୀ ଦେବଶ୍ରୀ ବ୍ରହ୍ମ ନିଜର ଉପସ୍ଥାପନା ଜରିଆରେ ପିତା ମାତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭ ରେ ଥିବା ପ୍ରାବଧାନ ବିଷୟରେ ପ୍ରତିଟି ଦିଗ ଉପରେ ସବିଶେଷ ଆଲୋଚନା କରିଥିଲେ । ପ୍ରଶ୍ନ ଉତର କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଥିବା ବରିଷ୍ଠ ନାଗରିକ ମାନେ ସେମାନଙ୍କର ସମସ୍ୟା ବିଷୟରେ ପ୍ରଶ୍ନ କରିଥିଲେ ଏବଂ ତାର ସମାଧାନ ଉତର ମାଧ୍ୟମରେ ଅତିଥିମାନେ ପ୍ରଦାନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ, ବାଲେଶ୍ୱର ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

# ଜାତୀୟ ଦୃଷ୍ଟିବାଧିତ ଭାରତୀୟ ଫୁଟ୍‌ବଲ ଦଳରେ ମନୋନୀତ ହେଲେ ପଦ୍ମିନୀ

ବାଲେଶ୍ୱର(ନି.ପ୍ର.)ଆନ୍ତର୍ଜାତୀୟ ଦୃଷ୍ଟିବାଧିତ ମହିଳା ଫୁଟବଲ ଚାମ୍ପିୟନସିପ୍ ରେ ଭାଗ ନେବା ପାଇଁ ଜାତୀୟ ଦଳର ଖେଳାଳି ମନୋନୟନ ଫେବୃଆରୀ ୧୧ ରୁ ୧୩ ପର୍ଯ୍ୟନ୍ତ ମନୋନୟନ ଶିବିର ଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀ ପଦ୍ମିନୀ ଟୁଡୁ ଓ ସୁମିତ୍ରା ସିଂ ଅଂଶ ଗ୍ରହଣ କରିଥିଲେ । ମନୋନୟନ ବୋର୍ଡ, ଭାରତୀୟ ଦଳରେ ପଦ୍ମିନୀ ଟୁଡୁ କୁ ଓଡିଶା ରୁ ଏକମାତ୍ର ପ୍ରାର୍ଥୀନୀ ଭାବରେ ଚୟନ କରିଥିବାରୁ



ରାଜ୍ୟ କ୍ରୀଡା ଯୁବ ବ୍ୟାପାର ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟାବଂଶୀ ସୁରଜ ଙ୍କ ବାସଭବନରେ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପଦ୍ମିନୀ ଏକ ଧାରାରେ ଜଣେ ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟର ସହିତ ଜାତୀୟ ମହିଳା ଦୃଷ୍ଟିବାଧିତ ଫୁଟବଲ ଖେଳାଳି ଭାବରେ ଭାରତୀୟ ଦଳରେ ଏକମାତ୍ର ଓଡିଶା ର ଝିଅ ଭାବରେ ସ୍ଥାନ ପାଇଥିବାରୁ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଅଣିଥିବାରୁ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ଆଗାମୀ ଏପ୍ରିଲ ରେ ଜାପାନ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଫୁଟବଲ ଚମ୍ପିୟନସିପ ରେ ଭାରତ ର ବିଜୟ କାମନା କରିଛନ୍ତି ।

# 'ନାଚ୍' ନୃତ୍ୟାନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମ୍ମାନିତ ହେବେ ୪ ବିଶିଷ୍ଟ ମହିଳା

ବାଲେଶ୍ୱର, (ନି.ପ୍ର.):; ନୃତ୍ୟ, କଳା ଓ ଐତିହ୍ୟର ଅଗ୍ରଣୀ ଅନୁଷ୍ଠାନ 'ନାଚ୍' ପକ୍ଷରୁ ପ୍ରତିବର୍ଷ ପାଳିତ ହୋଇ ଆସୁଥିବା ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୨୦୨୬ ମସିହା ପାଇଁ ସମ୍ମାନିତ ହେବାକୁଥିବା ମହିଳାମାନଙ୍କ ନାମ ଘୋଷଣା କରାଯାଇଛି ।ଗତ ପାଂଚ ବର୍ଷ ଧରି ଆୟୋଜିତ ହେଉଥିବା ଏହି ଉତ୍ସବରେ ସମାଜରେ ବିଭିନ୍ନ ବର୍ଗର କିଛି ପ୍ରତିଭା ସମ୍ପନ୍ନ ମହିଳାଙ୍କୁ ପୁରସ୍କୃତ କରାଯାଇଥାଏ । ଏହି କ୍ରମରେ ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ସଫଳତା ଓ ଅବଦାନ ପାଇଁ ଚାରି ଜଣ ପ୍ରତିଭାଶାଳୀ ମହିଳାଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି 'ନାଚ୍'ରଅଧକ୍ଷା ରୋନାଲିସା ପଣ୍ଡା ଏବଂ କବି ଶ୍ରୀଦେବ ସୂଚନା



ଦେଇଛନ୍ତି । ସୂଚନା ଅନୁସାରେ ଚଳିତବର୍ଷ ବିଶିଷ୍ଟ ଲେଖିକା ଏବଂ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ (ବାଲେଶ୍ୱର), ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ପାରମିତା ସିରକାର (କୋଲକତା), ଶିକ୍ଷାବିତ ଓ ମୋର ସ୍ଥିତ ପୁରୁବାଇ କନ୍ୟା ଆଶ୍ରମର ସମ୍ପାଦିକା ତଥା ସମାଜସେବୀ ସୁମତି ମହାନ୍ତି, ଏବଂ ଯୁବ ସାମ୍ବାଦିକା ଓ ଗାଳ୍ପିକା ସ୍ମୃତିଲଗ୍ନା ନନ୍ଦ ନାଚ୍ ମହିଳା ଉତ୍କର୍ଷ ସମ୍ମାନ ଲାଭ କରିବା ପାଇଁ ମନୋନୀତ ହୋଇଛନ୍ତି ।ସୂଚନାଯୋଗ୍ୟ ଯେ, ଆସନ୍ତା ମାର୍ଚ୍ଚ ୮ ତାରିଖ ଅପରାହ୍ନରେ 'ନାଚ୍' ପ୍ରେକ୍ଷାଳୟରେ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ତଥା 'ରେବତୀ'ର ସମ୍ପାଦିକା ସୁବାସିନୀ ଜେନା ଯୋଗ ଦେଉଥିବା ବେଳେ ବାଲେଶ୍ୱର ପୌରପାଳିକାର ଅଧକ୍ଷା ସବିତା ସାହୁ ବରେଣ୍ୟ ଅତିଥି ଭାବେ ଉପସ୍ଥିତ ରହିବେ ।

# ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ବୁଆଁଳ ଓ ଓଡଙ୍ଗୀ ପଂଚାୟତରେ ମୋଟ ୭କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ତିନୋଟି ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ଶିଳାନ୍ୟାସ ଦେଲେ ସଦର ବିଧାୟକ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ବୁଆଁଳ ଓ ଓଡଙ୍ଗୀ ପଂଚାୟତରେ ତିନୋଟି ରାସ୍ତାର ପ୍ରଶସ୍ତିକରଣ ପ୍ରକଳ୍ପ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୋଟ ୭କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ଏହି ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ୨କୋଟି ୮୯ଲକ୍ଷ ୮୨ ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ବୁଆଁଳ ପଂଚାୟତର ଆରଡି ରାସ୍ତା ଠାରୁ ପାରଦୀପା ପର୍ଯ୍ୟନ୍ତ ରାସ୍ତା, ୨କୋଟି ୮ଲକ୍ଷ ୫୪ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ବୁଆଁଳ ଠାରୁ କୁଡିଆ ପର୍ଯ୍ୟନ୍ତ ରାସ୍ତା ଓ ୨କୋଟି ୬୫ଲକ୍ଷ ୩୭ହଜାର ଟଙ୍କା ଓଡଙ୍ଗୀ ପଂଚାୟତର ତ୍ରିବେଣୀ ପୋଖରୀ ଠାରୁ ଜାତୀୟ ରାଜପଥ - ୬୦ର ନିଧିପଣ୍ଡା ପର୍ଯ୍ୟନ୍ତ ରାସ୍ତାକୁ ସାମିଲ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ ମୁଖ୍ୟଅତିଥି ଭାବେ ଯୋଗଦେଇ ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପଗୁଡିକର ଶୁଭ ଦେଇଥିଲେ । ଗ୍ରାମାଂଚଳକୁ ସହର ସହିତ ଯୋଡ଼ିବା ଲକ୍ଷ୍ୟରେ ଯାତାୟତ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ବାଲେଶ୍ୱର ସହର ଉପକଣ୍ଠ ଏକାଧିକ ପଂଚାୟତର ଲକ୍ଷାଧିକ ଲୋକ ଏହି ରାସ୍ତାର ଉନ୍ନତି ଦ୍ୱାରା ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ଦତ କହିଛନ୍ତି । ସଠିକ ମାନଦଣ୍ଡ ଓ ଗୁଣବତା ଯୁକ୍ତ ରାସ୍ତା ନିର୍ମାଣ ପାଇଁ ବିଧାୟକ ଶ୍ରୀ ଦତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯୋଜନାବଦ୍ଧ ତଥା ଧାର୍ଯ୍ୟ ସମୟମୀମା ମଧ୍ୟରେ ସମସ୍ତ ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ଲୋକଙ୍କ ଆଶା ମୁତାବକ ଶେଷ ହେବ ବୋଲି ଶ୍ରୀ ଦତ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ । ସରପଂଚ ଜିତେନ ଜେନା, ସମିତି ସଭ୍ୟ ମାୟାଧର ମହାଳିକ, ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, କାହ୍ନୁ ମହାଳିକ, ସୁଜାତା ଦାସ, ସୁଶାନ୍ତ ମହାପାତ୍ର, ମୁରଲୀଧର ମହାପାତ୍ର, ଜୟନ୍ତୀ ପଣ୍ଡା, ରାଜକିଶୋର ମହାପାତ୍ର, ବେଣୁଧର ପରିଡ଼ା, ଜନ୍ମଞ୍ଜୟ ମହାପାତ୍ର, ଶଶିକାନ୍ତ ବାରିକ, ଅନାଦି ସାହୁ, ସନ୍ୟାସୀ ନାୟକ, ସୁବାଷ ଖଟୁଆ, ଜୀବନ ସାମଲ, ରାମ ବୈଠ, ଅଶୋକ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଶତାଧିକ ଜନସାଧାରଣ ଯୋଗଦେଇଥିଲେ ।



# ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଳିତ ହେଲା ହୋଲି ଉତ୍ସବ ଓ କବିତା ଆସର

ବାଲେଶ୍ୱର,(ନି.ପ୍ର.): କବିତୀର୍ଥ ଶାନ୍ତି କାନନରେ ଫକୀର ମୋହନ ସାହିତ୍ୟ ପରିଷଦ ତରଫରୁ ହୋଲି ଉତ୍ସବ ଓ ହୋଲି କବିତା ଆସର ପାଳିତ ହୋଇଯାଇଛି ।ଏଥିରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ପୌରୋହିତ୍ୟ କରିଥିଲେ । ଏହି ଅବସରରେ କବି ଜୁମର ନାଥ ପାତ୍ର ଓ ପଦ୍ମଲୋଚନ ପ୍ରଧାନଙ୍କ ମିଳିତ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା । ଆସରର ପ୍ରାରମ୍ଭରେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଦୀନବନ୍ଧୁ ଲେଙ୍କା, ଡକ୍ଟର ଶିରୀଶ ଚନ୍ଦ୍ର ଜେନା, ଦୀପକ ବୋଷ, ପ୍ରଦୀପ ଚାଟାର୍ଜୀ, ନିବାରଣ ଜେନା, ତପନ ରାୟ, ପ୍ରଭାତ କୁମାର ଆଚାର୍ଯ୍ୟ, ସମର ବଲ୍ଲଭ ଭୋଇ, ଦୀପକ ଦାସ, ରଂଜନ ବାଗ, ଦୀପକ ଦାସ, ସନ୍ତୋଷ କୁମାର ସାହୁ, ଦେବେନ୍ଦ୍ର ଦାସ, ପ୍ରଶାନ୍ତ କୁମାର ମହାନ୍ତି, ଶାନ୍ତିଲତା ପଣ୍ଡା, ବାସନ୍ତୀ ଦେ, ଅର୍ଚ୍ଚନା କର, ଶାନ୍ତି ବିଶି, କବିତା ଜେନା, ପ୍ରଜ୍ଞାରାଣୀ ମଲ୍ଲିକ, ସଂଗୀତା ରଥ ପ୍ରଭୃତି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିବ ସହିତ ଦୋଳ ପୂର୍ଣ୍ଣିମା ଉପରେ ବକ୍ତବ୍ୟ ରଖିଥିଲେ । ଶେଷରେ ସମ୍ପାଦକ ରତ୍ନାକର ସିଂହ ପ୍ରାକ୍ କଥନ ରଖିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ବିଦ୍ୟାର୍ଥୀ ପରିଷଦ ତରଫରୁ ଚନ୍ଦନ ବୃକ୍ଷ ରୋପଣ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସଦର ବ୍ଲକ ବଡ଼ିକିଆ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଂଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ଗତ ୧୯ ଫେବୃଆରୀରୁ ଆରମ୍ଭ ହୋଇଥିବା ସହାୟତା କେନ୍ଦ୍ର ଆଜି ଉଦଯାପିତ ହୋଇଯାଇଛି । ଏହି ଅବସରରେ ପରିଷଦର ସଭାପତି ଜଳଧର ସାମଲଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ସଭାରେ କାର୍ଯ୍ୟକ୍ରମର ସଂଯୋଜକ ମନ୍ମଥ କୁମାର ବାରିକ ମଂଚ ଆହ୍ୱାନ କରିଥିବା ବେଳେ ପରିଷଦର ଯୁବ ସଂଗଠକ 'ଅଭ୍ୟୁଦୟମ'ର ମୁଖ୍ୟ ସବ୍ୟସାଚୀ ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ



ମଧ୍ୟରେ ପରିଷଦର ସମ୍ପାଦକ ସୁଧାକର ସେଠୀ, ସହସମ୍ପାଦକ ନବକୁମାର ନାୟକ, ସାବିତ୍ରୀ ରାଣୀ ଦାସ, ଶୁଭଶ୍ରୀ ଶତପଥି, ବିଶ୍ୱଜିତ ସାମଲ, ଯତୀନ ମହାନ୍ତି, ସ୍ଥାନୀୟ ସମାଜ ସେବି ଠକର ଚରଣ ପାଢ଼ୀ, ବିଜୟ କୁମାର ଦାସ ପ୍ରମୁଖ କଥା ରଖିଥିଲେ । ଉପସ୍ଥିତ ଅଭିଭାବକ ଗଣ ଏବଂ ବଡ଼ିକିଆ ଶ୍ରୀ ଜଗନ୍ନାଥ ସ୍ମୃତି ମଣ୍ଡପ କମିଟିର ସରୋଜ ବେହେରା, ମନୋଜ କୁମାର ବାରିକ୍ ଆଦି ଉକ୍ତ ପରିଷଦର ଏହି ଅଭିନବ ପଦକ୍ଷେପକୁ ବିଭିନ୍ନ ସ୍କୁଲ ମାନଙ୍କରେ ସୁଦୂର ପ୍ରସାରି କରିବାକୁ ମତ ଦେଇଥିଲେ । ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ଶବ୍ୟସାଚୀ ଶତପଥି । ଜୟଶ୍ରୀ ସାହୁ , ଶୁଭ୍ରାଂଶୁ ରାଉତ, ରାହୁଲ କୁମାର ବାରିକ ରଶ୍ମି ରଞ୍ଜନ ଜେନା ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ପରିଷଦ ତରଫରୁ ମନ୍ଦିର ପରିସରରେ ଚନ୍ଦନ ବୃକ୍ଷ ରୋପଣ କରାଯିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସ୍ମୃତି ବାହକ ମ୍ୟାଟ୍ରିକ ପରୀକ୍ଷା ବର୍ଷ ୨୦୨୫-୨୬ ବ୍ୟାଚର ତୈଳ ଚିତ୍ର ପ୍ରଦାନ କରାଯାଇଥିଲା ।

# ଆକତପୁର ହତ୍ୟାକାଣ୍ଡ ମାମଲାରେ ୨ ଅଭିଯୁକ୍ତ ଗିରଫ: ୫ ନାବାଳକଙ୍କ ସହଯୋଗ ଅଭିଯୋଗ

ବାଲେଶ୍ୱର,(ନି.ପ୍ର.) ପୂର୍ବ ଶୃତାକୁ କେନ୍ଦ୍ରକରି ଗତ ୪ ତାରିଖ ଦିନ ମଧ୍ୟାହ୍ନରେ ଟାଉନଥାନା ଅନ୍ତର୍ଗତ ଆକତପୁର ଗ୍ରାମର ସୁରଜ ସିଂ ନାମକ ଜଣେ ଯୁବକ(୨୭) ପୂର୍ବ ଶତୃତାକୁ କେନ୍ଦ୍ରକରି ପ୍ରାଣାନ୍ତକ ଆକ୍ରମଣ କରାଯିବା, ତତ୍କ୍ଷଣାତ୍ ତାକୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯିବା, ସେଠାରେ ଅବସ୍ଥା ଅସମ୍ଭାଳ ହେବାରୁ କଟକ ସ୍ଥିତ ଶ୍ରୀରାମଚନ୍ଦ୍ରଭଂଜ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ତାର ମୃତ୍ୟୁ ଘଟିଛି । ଏ ସଂକ୍ରାନ୍ତରେ ଟାଉନଥାନା ପକ୍ଷରୁ ଏକ ହତ୍ୟାକାଣ୍ଡ ମାମଲା ରୁଜୁ ହୋଇଥିବା ବେଳେ ୬ ତାରିଖ ସଂଧ୍ୟାରେ ବାଲେଶ୍ୱରର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ନିର୍ଦ୍ଦେଶରେ ଡିଏସପି ଶ୍ରୀମତୀ ପଟ୍ଟାୟତ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ




କହିଛନ୍ତି କି,ଏହି ହତ୍ୟାକାଣ୍ଡ ମାମଲାରେ ୫ଜଣ ନାବାଳକ ଥିବାବେଳେ ୨ଜଣ ସାଁବାଳକଙ୍କ ସମ୍ପୃକ୍ତି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଖବରରୁ ପ୍ରକାଶଯେ, ପୂର୍ବ ଶତୃତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ମାମଲାର ଷଡ଼ଯନ୍ତ୍ର କରାଯାଇଥିଲା । ଏହି ଘଟଣାରେ ଅଭିଯୁକ୍ତ ଛୋଟୁ ଓରଫ କ୍ଷୀତିଶ କୁମାର ଦାସ(୨୨) ଯାହାଙ୍କ ଘର ଆକତପୁର, ସୁନହଟ ଏବଂ ଦ୍ୱିତୀୟ ଜଣକ ହେଲେ ସଚ୍ଚିନ ଗୋଛାୟତ(୧୯) । ଏହି ୨ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ଅଭିଯୁକ୍ତମାନଙ୍କୁ ସରକାରଙ୍କ ଗାଇଡଲାଇନ ଅନୁଯାୟୀ ନାବାଳକମାନଙ୍କୁ ବରହମପୁରକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟାଉନଥାନା ଅଧିକାରୀ ବିଜୟ କୁମାରଦାସ ଉପସ୍ଥିତ ଥିଲେ । ସୁରଜ ବେହେରା ଓ ଅନ୍ୟ ୨ ଅଭିଯୁକ୍ତ ଏମାନେ ପରସ୍ପର ବନ୍ଧୁ । ଗିରଫ ହୋଇଥିବା ୨ଜଣ ବ୍ୟକ୍ତିଙ୍କ ନାମରେ ପୂର୍ବରୁ ଟାଉନଥାନା, ବୈଶିଙ୍ଗାଥାନା ଇତ୍ୟାଦି ଥାନାରେ ମାମଲା ଚାଲୁଥିବାର କୁହାଯାଇଛି ।

# ବିଜୁ ଜନତା ଦଳର ନୂତନ ସଭାପତି ମାନଙ୍କୁ ସମ୍ବର୍ଦ୍ଧନା

ସୋର(ନିପ୍ର): ସୋର ପୌର ପାଳିକା ଅନ୍ତର୍ଗତ ଶିକ୍ଷକ ଭବନରେ ବିଜୁ ଜନତା ଦଳର ନୂତନ ସଭାପତି ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଦଳ ପକ୍ଷରୁ ସୋର ବ୍ଲକ ସଭାପତି ଭାବେ ଶଙ୍କର୍ଷଣ ବାରିକ, ବାହାନଗା ବ୍ଲକ ସଭାପତି ଭାବେ ପ୍ରଦୀପ ଜେନା, ପୌର ପାଳିକା ସଭାପତି ଭାବେ ସୁକାନ୍ତ ମିଶ୍ର ଏବଂ ପୌର ପାଳିକା କାର୍ଯ୍ୟକାରୀ ସଭାପତି ଭାବେ ଲୋକନାଥ ରାଉତଙ୍କ ନାମ ଘୋଷଣା କରାଯାଇଥିଲା । ପୂର୍ବାହ୍ନରେ ଏହି ଅବସରରେ ଅଶ୍ୱିନୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଆଗାମୀ ପଂଚାୟତ ଏବଂ ପୌର ନିର୍ବାଚନରେ ସମସ୍ତେ ଏକଯୋଟ ହୋଇ କାର୍ଯ୍ୟ କରି ଉଭୟ ପୌର ଏବଂ ବ୍ଲକ ଅଧକ୍ଷ ପଦ ହାତେଇବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ଏବଂ ସମସ୍ତ ସଭାପତି ମାନଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ଗିରିଶ ଦାଶ, ସୋର ବ୍ଲକ ଅଧକ୍ଷା ଅନୁସୂୟା ମଲିକ, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କମଳାକାନ୍ତ ଘଡେଇ ମଂଚ ସଂଚଳନା କରିଥିବା ବେଳେ ଅଶ୍ୱିନୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ସମସ୍ତ ପଂଚାୟତର ସରପଂଚ, ସମିତି ସଭ୍ୟ/ସଭ୍ୟା, ବରିଷ୍ଠ, ଯୁବ, ଛାତ୍ର, ମହିଳା ଜନତା ଦଳର କର୍ମୀ ମାନେ ଉପସ୍ଥିତ ଥିଲେ ।

# ୮ମ 'ସୁଗାଲ ସାଙ୍ଗମ' ଉତ୍ସବରେ ଓଲଗୁରୁ ରୋହିଦାସ ସିଂହନାଗଙ୍କ ଜୀବନୀ ଉନ୍ମୋଚିତ



ଖୁଂଟା(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ଶ୍ୟାମାଖୁଂଟା ବ୍ଲକ ଅନ୍ତର୍ଗତ ବାଉଁଶବିଲା ଗାଁରେ ମୁଣ୍ଡା ଜାତିର ଏକ ବିଶାଳ ସାଂସ୍କୃତିକ ଉତ୍ସବ 'ସୁଗାଳ ସାଙ୍ଗମ' ର ୮ମ ସଂସ୍କରଣର ଚାରିଦିନିଆ କାର୍ଯ୍ୟକ୍ରମ ଉତ୍ସାହର ସହ ଅନୁଷ୍ଠିତ ହେଉଛି । ଉତ୍ସବର ପ୍ରଥମ ଦିନ ୩ ମାର୍ଚ୍ଚ ସକାଳେ ଏକ ମିନି-ମାରାଥନ ଆୟୋଜନ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପରେ ଦିନ ଭରି ମୁଣ୍ଡା ସମ୍ପ୍ରଦାୟର ଧନାତ୍ମକ ପାରମ୍ପରିକତା ଓ ସଂସ୍କୃତିକୁ ପ୍ରକାଶ କରୁଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦ୍ୱିତୀୟ ଦିନ ସକାଳେ ମୁଣ୍ଡାରୀ ଲିପିର ଆବିଷ୍କାରକ ଓ ମୁଣ୍ଡାରୀ ଭାଷା ଆନ୍ଦୋଳନର ପ୍ରବକ୍ତା ଓଲଗୁରୁ ରୋହିଦାସ ସିଂହ ନାଗଙ୍କ ସମ୍ମାନରେ ସାମୂହିକ ପୂଜା କରାଯାଇଥିଲା । ପରେ ମୁଣ୍ଡା ସମାଜର ବିଭିନ୍ନ ସଂଗଠନର ମୁଖିଆ ମାନେ ଓ ବୁଦ୍ଧିଜୀବୀମାନଙ୍କ ସହ ଏକ ପ୍ରତିନିଧି ସେମିନାର ଆୟୋଜନ କରାଯାଇଥିଲା । ସନ୍ଧ୍ୟାବେଳେ ଏକ ସାଧାରଣ ସଭା ଓ ପୁସ୍ତକ ଉନ୍ମୋଚନ ଅନୁଷ୍ଠାନ ଆୟୋଜିତ ହୋଇଥିଲା, ଯେଉଁଥିରେ ବୀରବଲ ସିଂ ଙ୍କ ଦ୍ୱାରା ଇଂରାଜୀରେ ଲିଖିତ ଜୀବନୀ "ଓଲଗୁରୁ ରୋହିଦାସ ସିଂହ ନାଗ – ମୁଣ୍ଡାରୀ ଭାଷା ଆନ୍ଦୋଳନ ଏବଂ ତାହାର ଦୀପବାହକ" ନାମକ ପୁସ୍ତକର ଔପଚାରିକ ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁଗାଳ ସାଙ୍ଗମ ର ସଭାପତି ସୁନାରାମ ସିଂହ ସୋସୋ ସଭାପତିତ୍ୱ କରିଥିଲେ । ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ଉପକୁଳପତି ପ୍ରଫେସର ଡ଼ଃ ପ୍ରମୋଦ କୁମାର ସତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ ମୟୂରଭଞ୍ଜର ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡା, ଯିଏ ଜଣେ ପ୍ରସିଦ୍ଧ କବି ଓ ଲେଖକ ମଧ୍ୟ, ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ । ତାଙ୍କ ଉଦ୍ବୋଧନରେ ଡ଼ଃ ପ୍ରମୋଦ କୁମାର ସତପଥୀ ମୁଣ୍ଡା ସମାଜକୁ ଶିକ୍ଷାରେ ଅଗ୍ରଗତି କରିବା ସହିତ ନିଜ ସଂସ୍କୃତିକୁ ସୁରକ୍ଷିତ ରଖିବାକୁ ଆହ୍ୱାନ କରିଥିଲେ । ସେ ଓଲଗୁରୁ ରୋହିଦାସ ସିଂହ ନାଗଙ୍କ ଉପରେ ପ୍ରକାଶିତ ନୂତନ ପୁସ୍ତକକୁ ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ଏହା ଏକ ଗବେଷଣାମୂଳକ ସାହିତ୍ୟିକ କୃତି, ଯାହା ମୁଣ୍ଡାରୀ ସାହିତ୍ୟକୁ ସମୃଦ୍ଧ କରିବ । ସେ ଏହା ମଧ୍ୟ ଘୋଷଣା କରିଥିଲେ ଯେ ଆଦିବାସୀ ସମାଜର ସାଂସ୍କୃତିକ ଓ ଶିକ୍ଷାଗତ ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟରେ ମୁଣ୍ଡାରୀ ଭାଷାରେ ଏକ ସାର୍ଟିଫିକେଟ୍ କୋର୍ସ ଆରମ୍ଭ କରାଯିବ । ଡ଼ଃ ଦୟାସିନ୍ଧୁ ପରିଡା ତାଙ୍କ ଭାଷଣରେ କହିଥିଲେ ଯେ ମୁଣ୍ଡା ସମାଜର ଏକତା ଅନ୍ୟ ସମାଜରେ ଦୁର୍ଲଭ । ସେମାନଙ୍କର ପରମ୍ପରା, ସଂସ୍କୃତି ଓ ଅତିଥିସତ୍କାର ମୁଣ୍ଡାମାନଙ୍କୁ ବିଶେଷ ପରିଚୟ ଦେଇଛି । ସେ ମୁଣ୍ଡା ସମାଜର ନେତାମାନଙ୍କୁ ମୁଣ୍ଡାରୀ ଭାଷାକୁ ଭାରତୀୟ ସମିଧାନର ଅଷ୍ଟମ ତାଲିକାରେ ସମ୍ମିଳିତ କରିବା ପାଇଁ ଆନ୍ଦୋଳନ ଜାରି ରଖିବାକୁ ଉତ୍ସାହିତ କରିଥିଲେ । ଓଡ଼ିଆ ଭାଷା ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ଯିଏ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ, କହିଥିଲେ ଯେ ମୁଣ୍ଡା ସମାଜର ସାହିତ୍ୟିକ ପରମ୍ପରା ବହୁତ ସମୃଦ୍ଧ । ନାୟକ ଉଲ୍ଲେଖ କରିଥିଲେ ଯେ ମୁଣ୍ଡାମାନେ ମୟୁରଭଞ୍ଜକୁ ଆସି ବସବାସ କରିଥିବା ସବୁଠାରୁ ପ୍ରାଚୀନ ଜନଜାତି ମଧ୍ୟରୁ ଗୋଟିଏ । ସେ ଉପକୁଳପତିଙ୍କୁ ଅନୁରୋଧ କରିଥିଲେ ଯେ ମୁଣ୍ଡା ସମାଜର ଲେଖକମାନଙ୍କୁ ପୁରସ୍କାର ଦେଇ ପ୍ରୋତ୍ସାହନ ଦେବା ମାଧ୍ୟମରେ ଏହି ସାହିତ୍ୟକୁ ସୁରକ୍ଷିତ ଓ ପ୍ରଚାର କରାଯାଉ । ଲେଖକ ବିରବଳ ସିଂହ ଓଲଗୁରୁ ରୋହିଦାସ ସିଂହ ନାଗଙ୍କ ଜୀବନ ଓ ଅବଦାନ ବିଷୟରେ ଜାଣିବାର ଗୁରୁତ୍ୱକୁ ଉଲ୍ଲେଖ କରି କହିଥିଲେ ଯେ, ତାଙ୍କର ଜୀବନ ଆମକୁ ଅନେକ ମୂଲ୍ୟବାନ ଶିକ୍ଷା ଓ ପ୍ରେରଣା ଦେଇଥାଏ ।

# ମହିଳା ଦିବସ ଉପଲକ୍ଷେ ଯୋଗ ଶିବିର ଅନୁଷ୍ଠିତ



ପୁରୀ(ନିପ୍ର): ମହିଳା ଦିବସ ଉପଲକ୍ଷେ ମହିଳା ମାନଙ୍କୁ ସଶକ୍ତ ତଥା ସୁସ୍ଥ ରଖିବା ଲକ୍ଷ୍ୟ ରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଆୟୋଜିତ ହୋଇଛି ଯୋଗ ଶିବିର । କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ସହଯୋଗ ରେ ଅନୁଷ୍ଠିତ ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଉଦଘାଟନ କରିବା ସହ ଯୋଗ ଦ୍ୱାରା ଶାରିରୀକ ସୁସ୍ଥତା ଓ ମାନସିକ ସ୍ଥିରତା ଦୃଢ ହୋଇଥାଏ ବୋଲି କହିଥିଲେ । ନିୟମିତ ଯୋଗ, ଧ୍ୟାନ, ପ୍ରାଣାୟମ, ଚାଲିବା ଅଭ୍ୟାସ ସମସ୍ତଙ୍କୁ ସୁସ୍ଥ ରଖିବା ସହ ଅସୁସ୍ଥତା ବଶତଃ ଆର୍ଥିକ କ୍ଷତିରୁ ମଧ ସୁରକ୍ଷା ଦେଇଥାଏ ବୋଲି ସେ ମତ ଦେଇଥିଲେ । ପାରମ୍ପରିକ ନୃତ୍ୟ ମାଧ୍ୟମରେର ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଯୋଗ ପ୍ରଶିକ୍ଷକ ଆଲୋକ କୁମାର ସ୍ୱାଇଁ, ଜୁମ୍ବା ନୃତ୍ୟ ଗୁରୁ ବିକ୍ରମ ଦେବନାଥ ଓ ସାଥୀ ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡା ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ଆତ୍ମସୁରକ୍ଷା, ନେତୃତ୍ୱ ନେବା ଶୈଳୀ ଓ କ୍ୟାରିଅର ଗଠନ ସଚେତନତା, ଜୁଡୋ, କରାଟେ, ବକ୍ସିଂ ଇତ୍ୟାଦି ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ସେହିପରି ୮ ତାରିଖ ଶେଷ ଦିନ ଅର୍ଥାତ ମହିଳା ଦିବସରେ ଏକ ମାରାଥନ ଅନୁଷ୍ଠିତ ହେବ ।

# ସନ୍ଦେହ ଘେରରେ ପୋଲିସର ଭୂମିକା




ଖଇରା(ନିପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ପୋଲିସର କାର୍ଯ୍ୟକୁ ନେଇ ଖଇରାବାସୀଙ୍କ ମନରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଗତ ୬ମାସ ଧରି ଚୋରୀ ଡକାୟତି ଦୈନିକ ଘଟଣାରେ ପରିଣତ ହୋଇଥିବା ବେଳେ ଜଣେ ବି ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ଅକ୍ଷମ । ସର୍ବୋପରି ଗୁରୁବାର ଦିନ ଏକ ବସ ଦୁର୍ଘଟଣାରେ ଦୁର୍ଘଟଣା ଘଟାଇଥିବା ବସକୁ ପୋଲିସ ସକାଳେ ଜବତ କରି ସଂଧ୍ୟାରେ ଛାଡିବା ଘଟଣାରେ ପୋଲିସ ଉପରୁ ସାଧାରଣ ଲୋକଙ୍କ ଭରସା ତୁଟି ଯାଇଛି । ଗୁରୁବାର ସକାଳେ ବାଲେଶ୍ୱରରୁ କୁପାରୀ ଯାଉଥିବା ଅନନ୍ୟା ନାମକ ବସ ଖଇରା ବଜାର ପ୍ରାଣି ଚିକିତ୍ସାକେନ୍ଦ୍ର ନିକଟରେ ଡ୍ରାଇଭରଙ୍କ ଅସାବଧାନତା ଯୋଗୁଁ ଏକ ଚାଉମିନ ଦୋକାନ ଉପରକୁ ମାଡି ଯାଇଥିଲା । ଏଥିରେ ନନ୍ଦୁର ଗ୍ରାମର ମାଳତୀ ମହାନ୍ତି ନାମକ ମହିଳା ଗୁରୁତର ଆହତ ହୋଇଥିବା ବେଳେ ପାଖାପାଖି ୫ଜଣ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ । ଆଳଦା ଗ୍ରାମର ମଂଟୁ ଦାସଙ୍କ ଦୋକାନ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା । ଖବରପାଇ ଖଇରା ପୋଲିସ ଘଟଣାସ୍ଥଳରେ ପହଂଚି ବସକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଥିଲା ଏବଂ ଡ୍ରାଇଭରଙ୍କ ଅବହେଳା ଯୋଗୁଁ ଘଟିଥିବା ଏହି ଦୁର୍ଘଟଣାରେ ନିଶ୍ଚୟ ମାମଲା ରୁଜୁ ହେବ ବୋଲି ସମସ୍ତେ ଆଶା ପ୍ରକଟ କରିଥିଲେ । ହେଲେ ହଠାତ ସଂଧ୍ୟାରେ ବସଟିକୁ ଥାନାରୁ ମୁକୁଳାଇବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ପୋଲିସର ଏଭଳି ତରବରିଆ ନିଷ୍ପତିକୁ ନେଇ ନାନାକଥା ଶୁଣିବାକୁ ମିଳୁଛି । ବଡଧରଣର ଅର୍ଥ କାରବାର ହୋଇଥିବା ନେଇ ସନ୍ଦେହ କରାଯାଉଛି । ଏ ସମ୍ପର୍କରେ ଗୁରୁବାର ଖଇରା ଥାନା ଦାୟିତ୍ୱରେ ଥିବା ଔପଦା ଥାନା ଅଧିକାରୀ ପ୍ରମୋଦ ଦାସଙ୍କୁ ଯୋଗାଯୋଗ କରିବାରେ ଯାହାର ଦୋକାନ ଭାଙ୍ଗିଥିଲା କିମ୍ବା ଯେଉଁମାନେ ଆହତ ହୋଇଥିଲେ ।

## ରୋଗୀଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଗଣ୍ଡଗୋଳ

ସୋର(ନିପ୍ର): ସୋର ଡାକ୍ତରଖାନାରେ ଜଣେ ରୋଗୀର ମୃତ୍ୟୁକୁ ନେଇ ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି । ସୂଚନା ଅନୁସାରେ ସୋର ବ୍ଲକ ଆଙ୍ଗୁଳା ଗ୍ରାମର ମକରା ଦାସଙ୍କ ଘରକୁ ତାଙ୍କ ଶ୍ୱଶୁର ଆସିଥିବା ବେଳେ ଅପରାହ୍ଣରେ ତାଙ୍କ ଦେହ ଅସୁସ୍ଥ ହୋଇଥିଲା । ସ୍ୱାଇଁ ମକରା ଓ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ କାର୍ଯ୍ୟରତ ଡାକ୍ତର ସୁମନ୍ତ ଧଡା ତାଙ୍କୁ ମୃତ ଘୋଷଣା କରିଥିଲେ । ମାତ୍ର ପରିବାର ଲୋକେ ଡାକ୍ତର ବିଳମ୍ବରେ ରୋଗୀ ଦେଖିବାକୁ ଆସିଥିବା କହି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ସେଠାରେ ଥିବା ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ଭିଡିଓ ଉତୋଳନ କରିବା ସହିତ ଡାକ୍ତରଙ୍କୁ ଘେରିଥିଲେ । ଫଳରେ ଡାକ୍ତରଖାନା ରଣକ୍ଷେତ୍ରରେ ପରିଣତ ହୋଇଥିଲା ।

# ପ୍ରଶାସନିକ ଅଧିକାରୀଙ୍କ ଅଦୃଶ୍ୟ ମେଂଟ ବିରୁଦ୍ଧରେ ସି ପି ଆଇ(ଏମ)ର ପ୍ରତିବାଦ




ନୀଳଗିରି(ନିପ୍ର): ସମ୍ପ୍ରତି ଜିଲ୍ଲାରେ ଧାନ ବିକ୍ରୀ କରିବାକୁ ଚାଷୀକୂଳ ହତାସ ହେବା ସହିତ ରାସ୍ତାରେ ଧାନ ରଖି ଆନ୍ଦୋଳନ କରୁଛନ୍ତି । ସରକାର ଧାନ କିଣିବା ପାଇଁ କୌଣସି ବ୍ୟବସ୍ଥା କରୁ ନାହାଁନ୍ତି । ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ନ ଥିବା ବେଳେ ପ୍ରଶାସନ, ମିଲର, ସୋସାଇଟି ଏବଂ ସରକାରଙ୍କ ମଧୁଚନ୍ଦ୍ରିକା ହେତୁ, ଏହି ଧାନ ବିକ୍ରୀ ନ ହୋଇ ଚାଷୀଙ୍କୁ ଶୋଷଣ କରି ବିଜେପିର ଡବଲ ଇଂଜିନ ସରକାର ବେଶ ପ୍ରତାରିତ କରୁଛି । ସେହିପରି ଖଣି, ଖାଦାନ ଏବଂ ବାଲି ମାଫିଆଙ୍କ ଆକ୍ରମଣ ଓ ଆତଙ୍କ ରାଜ ଏହି ସମୟ ମଧ୍ୟରେ ଜିଲ୍ଲାରେ ବୃଦ୍ଧି ପାଇଛି ବୋଲି, ଜିଲ୍ଲା ସମ୍ପାଦକ ମଣ୍ଡଳୀ ବୈଠକରେ ସିପିଆଇ(ଏମ) ନେତୃବୃନ୍ଦ ମତ ପ୍ରକାଶ କରିଛନ୍ତି । ପ୍ରଶାସନିକ ଅଫିସର, ଖଣି ମାଫିଆ ଏବଂ ସରକାରୀ ଦଳର ସହଯୋଗରେ ଏ ଭଳି କାର୍ଯ୍ୟ ଖୁଲମ ଖୁଲା ଚାଲିଛି ବୋଲି ସିପିଆଇ(ଏମ )ଦାବୀ କରିବା ସହିତ ସରକାରଙ୍କୁ ଚେତାବନୀ ଦେଇଛି । ରେସନ କାର୍ଡ ଇ କେ ୱାଇ ସି ନାଁ ରେ ଅନେକ ପ୍ରକୃତ ହିତାଧିକାରୀଙ୍କୁ ରେସନ ପାଇବାରୁ ବଂଚିତ କରା ଯାଉଛି । ସେହିପରି ମନରେଗା ଯୋଜନା ବନ୍ଦ ହେଲା ପରେ ଦାଦନକୁ ଯିବା ସଂଖ୍ୟା ବୃଦ୍ଧି ପାଇଛି । ଇକୋ ସେନସିଟିଭ ଜୋନ ନାଁରେ ନୀଳଗିରିରେ ଆଦିବାସୀ ମାନଙ୍କୁ ଉଚ୍ଛେଦ କରିବା ବିରୁଦ୍ଧରେ ଜିଲ୍ଲା ତମାମ ବ୍ୟାପକ ପ୍ରଚାର ଅଭିଯାନ ନେବା ସହିତ ଆସନ୍ତା ଏପ୍ରିଲ ମାସ ଏକ ରୁ ଦଶ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକରେ ବିକ୍ଷୋଭ ଆନ୍ଦୋଳନ ସଂଗଠିତ ହେବ ବୋଲି ଆଜିର ବୈଠକରେ ନିଷ୍ପତି ହୋଇଛି । ଏଥିପାଇଁ ଆସନ୍ତା ୨୦/୨୧ଏବଂ ୨୨,ମାର୍ଚ୍ଚ ବାଲେଶ୍ୱର ଠାରେ ଭଦ୍ରକ, ଯାଜପୁର, ମୟୁରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର ଆଗୁଆ କର୍ମୀ ମାନଙ୍କର କର୍ମଶାଳା ସଂଗଠିତ ହେବ ବୋଲି ଆଜିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ବୈଠକରେ ନିଷ୍ପତି ନିଆ ଯାଇଛି ବୋଲି ଜିଲ୍ଲା ସମ୍ପାଦକ ଶିଶିର ହୁଇ ଏଠାରେ ଏକ ବିବୃତିରେ ପ୍ରକାଶ କରିଛନ୍ତି । ବୈଠକ ସୀତାଂଶୁ ସେନାପତିଙ୍କ ଅଧକ୍ଷତାରେ ହେବା ସହିତ ବୈଠକରେ ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ପ୍ରେମ ରଞ୍ଜନ ପାତ୍ର ଏବଂ ଦୀପ୍ତିମାନ ଆଚାର୍ଯ୍ୟ ପ୍ରଭୃତି ନେତୃତ୍ୱ ଉପସ୍ଥିତ ଥିଲେ ।

## ବହୁ ପ୍ରତୀକ୍ଷିତ ଅନନ୍ତପୁର ଥାନା ଉଦ୍‌ଘାଟିତ

ସୋର(ନିପ୍ର): ପ୍ରତୀକ୍ଷାର ଅନ୍ତ ଘଟି ବହୁ ପ୍ରତିକ୍ଷୀତ ଅନନ୍ତପୁର ଥାନାର ଲୋକାର୍ପଣ ହୋଇଯାଇଛି । ଅନନ୍ତପୁର ଫାଣ୍ଡିକୁ ଥାନା ରୂପେ ୨୦୨୪ ମସିହାରେ ଘୋଷଣା ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ମାନ୍ୟବର ଗୃହ ଓ ସମବାୟ ମନ୍ତ୍ରୀ ଅମିତ୍ ଶାହ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ମାଧ୍ୟମରେ ଇଡ଼କୋ ଗ୍ରାଉଣ୍ଡରେ ଆୟୋଜିତ ହୋଇଥିବା ସଭାରୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ମାନଙ୍କ ଭିତରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦୁଇ ଉପ-ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ମନ୍ତ୍ରୀଗଣ, ସ୍ଥାନୀୟ ସାଂସଦ ପ୍ରମୁଖ ଉପସ୍ଥିତ ରହିଥିଲେ । ଅନନ୍ତପୁର ଥାନା ପରିସରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ନାୟକ, ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅନନ୍ତପୁର ଥାନାଧିକାରୀ ସରୋଜ କୁମାର ଦାଶ, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ବିଜେପିର ନେତୃତ୍ୱ ବୃନ୍ଦଙ୍କ ସହ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

# ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ



ଜଗତସିଂହପୁର(ନିପ୍ର): ଏନ.ଭି.ଏଚ.ସି.ପି. ଜଗତସିଂହପୁର ତରଫରୁ, ତା୦୫.୦୩.୨୬ ରିଖ ଗୁରୁବାର ଦିନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବାଲିକୁଦା ର ସହଯୋଗ ରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଦଶବଟିଆ ଠାରେ ଏକ ହେପାଟାଇଟିସ ବି ଓ ସି ର ଚିହ୍ନଟ ଶିବିର ଆୟୋଜନ କରାଯାଇଥିଲା, ଏଥିରେ ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାର (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ) ଜଗତସିଂହପୁର ର ମାଇକ୍ରୋ ବାୟୋଲୋଜିଷ୍ଟ, ଲ୍ୟାବ-ଟେକନିସିଆନ୍ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ସେଠାରେ କାମ କରୁଥିବା ୫୧ ଜଣ ସାଧାରଣ ଜନସଂଖ୍ୟା ଗୋଷ୍ଠୀ ଲୋକ ମାନଙ୍କର ରକ୍ତ ନମୁନା ସଂଗ୍ରହ କରିଥିଲେ ଏବଂ ପରେ ପରବର୍ତୀ ପରୀକ୍ଷାରୁ ୫୧ଟି ଯାକ ରକ୍ତନମୁନାର ନେଗେଟିଭ ଫଳାଫଳ ପ୍ରାପ୍ତ ହୋଇଥିଲା ।


10001/103/2526

OFFICE OF THE CHIEF DISTRICT MEDICAL & PHO, BALASORE

SUB STORE CDM & PHO

No. 3815 Date 04.03.2026

TENDER CALL NOTICE

Sealed tender is invited from valid wholesalers /C&F/manufacturers for supply of **Medicines & Medical Consumables and Bedding, Clothing** items from time to time in various schemes in the current financial year **2026-27** so as to reach the **CDM & PHO Balasore** latest by **25/03/2026** by **Regd. Post/speed post only.** The same will be opened on **26/03/2026** in the presence of tenderers or their authorized representative in the chamber of undersigned. The opening process will not be postponed if the tenderers will not be present on the scheduled date & time. Details are available in the tender paper which can be downloaded from balasore.odisha.gov.in & deposit the tender paper cost Rs. 3000.00 in shape of DD in the name of ZSS Balasore with tender paper which is non refundable.

Sd/-
Chief District Medical & PHO
Balasore

OIPR. 10001/10032/1/25-26/0002



**ଦକ୍ଷିଣ ପୂର୍ବ ରେଳପଥରେ ଟ୍ରେନ ପାର୍ଶ୍ୱ ଭେଣ୍ଡିଂ-କେଟରିଂ ଚୁକ୍ତିନାମା ପାଇଁ ଇ-ନିଲାମ ବିଜ୍ଞାପନ**

ଭାରତୀୟ ସଂଘର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥ/ମୁଖ୍ୟାଳୟର ଉପ-ମୁଖ୍ୟ ବାଣିଜ୍ୟିକ ପରିଚାଳକ/ପି.ଏସ୍. ୧୨ ଯୋଡ଼ା ଟ୍ରେନ, ଯଥା ୧୮୧୮୧/୮୨; ୧୮୬୨୧/୨୨; ୧୮୦୩୫/୩୬; ୧୮୧୦୫/୦୬; ୧୮୧୮୫/୮୬; ୧୮୬୩୫/୩୬; ୧୮୦୧୧/୧୨; ୧୮୬୦୧/୦୨; ୧୮୬୨୩/୨୪; ୧୮୬୦୩/୦୪; ୧୮୧୦୭/୦୮; ୧୨୮୮୩/୮୪ ପାଇଁ ଏକ ବର୍ଷ ପାଇଁ ଓଜରଚଝ ପୋର୍ଟାଲରେ 'ବିବିଧ-ମୋବାଇଲ୍-ସେବା' ଉପ-ବର୍ଗ ଅଧୀନରେ ଇ-ନିଲାମ କ୍ୟାଟାଲଗ୍ ନମ୍ବର: ଟିଏସ୍‌ଭି-ସିଏଟିଜି-ଏଚ୍‌କ୍ୟୁ, ଇ-ନିଲାମ ଖୋଲିବା ତାରିଖ ଏବଂ ସମୟ: ୨୦.୦୩.୨୦୨୬ ଦିନ ୧୨:୦୦ ଘଂଟା; ଇ-ନିଲାମ ଶେଷ ତାରିଖ ଏବଂ ସମୟ: ୨୦.୦୩.୨୦୨୬ ଦିନ ୧୪:୨୦ ଘଂଟା; ଆଗ୍ରହୀ ବିଡରମାନେ ଏହା ଉପରେ ଧ୍ୟାନ ଦିଅନ୍ତୁ ଏବଂ ଇ-ଟେଣ୍ଡର ନୋଟିସ ବିଷୟରେ ବିବରଣୀ ଏବଂ ସମ୍ବନ୍ଧିତ ସୂଚନା ପାଇଁ ୱେବସାଇଟ୍:https://www.ireps.gov.in ଦେଖନ୍ତୁ । ଅଧିକ ସ୍ପଷ୍ଟୀକରଣ / ପ୍ରଶ୍ନ ପାଇଁ, ଦୟାକରି ପ୍ରମୁଖ ମୁଖ୍ୟ ବାଣିଜ୍ୟିକ ପରିଚାଳକ/ଦକ୍ଷିଣ ପୂର୍ବ ରେଳବାଇର କାର୍ଯ୍ୟାଳୟ, ନୂତନ ପ୍ରଶାସନିକ ଭବନ, ଦ୍ୱିତୀୟ ମହଲା, ୧୧, ଗାର୍ଡେନ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ର କ୍ୟାଟରିଂ ବିଭାଗକୁ ଯେକୌଣସି କାର୍ଯ୍ୟ ଦିବସରେ ୧୧:୦୦ ଘଂଟାରୁ ସନ୍ଧ୍ୟା ୫:୦୦ ଘଂଟା ମଧ୍ୟରେ ପରିଦର୍ଶନ କରନ୍ତୁ ।

(PR-1274) ଉପ-ମୁଖ୍ୟ ବାଣିଜ୍ୟିକ ପରିଚାଳକ/ପି.ଏସ୍.

ଦକ୍ଷିଣପୂର୍ବ ରେଳପଥ
ସହର୍ଷେ ସମସ୍ତଙ୍କ ସେବାରେ











ଅନ୍ୟକୁ କଟୁକଥା କହିଲେ ଆମ ମାନଙ୍କୁ କ'ଣ ମିଳେ ତାହା ଆମେ ନିଜକୁ ନିଜେ ପ୍ରଶ୍ନ ପଚାରିବା ଉଚିତ । ଦେଖିବେ କିଛି ଦିନ ମଧ୍ୟରେ ଆମେ ସମସ୍ତେ କିଛିଟା ସୁଗୁଣର ଅଧିକାରୀ ହୋଇ ପାରିବା ।

## ଆଜିକାଲି



ଏବମୁକ୍ତ୍ୱାର୍ଜ୍ଜୁନଃ ସଂଖ୍ୟେ ରଥୋପସ୍ଥ ଉପାବିଶତ୍
ବିସୃଜ୍ୟ ସଶରଂ ଚ଼ପଂ ଶୋକସଂବିଗ୍ନମାନସଃ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ସଂଜୟ କହିଲେ, ହେ ରାଜନ ! ଯୁଦ୍ଧ କ୍ଷେତ୍ରରେ ବିଷାଦ ଓ ଶୋକବିହ୍ୱଳ ହୋଇ ବାଣ ସହିତ ଧନୁ ତ୍ୟାଗ କରି ଦେଇ ଅର୍ଜୁନ ରଥ ଉପରେ ବସି ପଡ଼ିଲେ ।

# ମୋଟାପଣ ନେଇ ଚିନ୍ତା

ଏକ ସମୀକ୍ଷାରୁ ଜଣାପଡ଼ିଛି ଯେ ସାରାବିଶ୍ୱରେ ମେଦବହୁଳ ବା ମୋଟାପଣ କ୍ରମଶଃ ବଢ଼ିବଢ଼ି ଚାଲିଛି । ଭାରତରେ ମଧ୍ୟ ସେମାନଙ୍କ ସଂଖ୍ୟା ବଢ଼ିଛି । ଏପରିକି ୨୦୫୦ ସୁଦ୍ଧା ବିଶେଷ କରି ଯୁବକମାନେ ଏହି ରୋଗରେ ପୀଡ଼ିତ ହୋଇ ଶୀର୍ଷରେ ପହଂଚିପାରେ । ମୋଟାପଣ ଏବେ ସାଧାରଣ ସମସ୍ୟାରେ ପରିଣତ ହୋଇଛି । ବ୍ଲଡ଼ସୁଗାର ବା ଡାଇବେଟିସ, ଗଣ୍ଠିବାତ, ହୃଦରୋଗ ପ୍ରଭୃତି ସମସ୍ୟାର ମୂଳରେ ମୋଟାପଣ ରହିଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମଧ୍ୟରେ ଚିନ୍ତା ବଢ଼ିବା ସ୍ୱାଭାବିକ । ଏପରିକି ୨୦୫୦ ସୁଦ୍ଧା ଭାରତରେ ୧୫ ରୁ ୨୪ ବର୍ଷ ମଧ୍ୟରେ ଯୁବକମାନଙ୍କୁ ସର୍ବାଧିକ ମେଦବହୁଳ ଯୁବକ ଆକାଶଛୁଇଁ ପାରନ୍ତି । ଏଥିସହ ୫ରୁ ୧୪ ବର୍ଷ ମଧ୍ୟରେ ବାଳକ ମାନେ ସର୍ବାଧିକ ମେଦବହୁଳରେ ଆକ୍ରାନ୍ତ ହେବେ । ଏକ ସ୍ୱାସ୍ଥ୍ୟ ରିପୋର୍ଟରେ ଏହା ପ୍ରକାଶିତ ହୋଇଛି । ଏହାର ସଂଖ୍ୟା ୨ ବର୍ଷ ବର୍ଗର ୭୪୬ ନିୟୁତ ବର୍ଗ ଲୋକଙ୍କ ମଧ୍ୟରୁ ପ୍ରାୟ ୯.୪ ପ୍ରତିଶତ ଯେଉଁମାନେ ମେଦ ବହୁଳ ରହିବେ ସେମାନେ କେବଳ ଯୁବକ ମାନେ ନୁହଁନ୍ତି ଏହି ସମୟରେ ସାରା ଦେଶରେ ୪୫୦ ନିୟୁତ ବୟସ୍କ ଲୋକ ମଧ୍ୟ ମେଦବହୁଳ ରୋଗରେ ଆକ୍ରାନ୍ତ ହୋଇ ପାରନ୍ତି । ବିଶେଷ କରି କିଶୋର କୁହାଯାଉଥିବା ୧୫-୨୪ ବର୍ଷ ବର୍ଗରେ ଦେଶରେ ସର୍ବାଧିକ ୪୯.୬ ନିୟୁତ ଲୋକ ରହିବେ । ୧୯୯୦ ମସିହାରେ ଏ ସଂଖ୍ୟା ୭.୩ ନିୟୁତ ଥିଲା । ଏହି ଚିନ୍ତା ସମଗ୍ର ବିଶ୍ୱକୁ ବଢ଼ାଇ ଦେଇଛି । ଭାରତବର୍ଷ ପରେ ଚୀନ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ପହଂଚିଛି । ଅପରପକ୍ଷେ ଶିଶୁ ଓ ତରୁଣବୟସ୍କ ବର୍ଗରେ ଭାରତ ୩୦.୫ ନିୟୁତ ମେଦବହୁଳ ବ୍ୟକ୍ତିଙ୍କ ସହ ଶୀର୍ଷରେ ରହିପାରେ । ନିଜକୁ ସୁସ୍ଥ ରହିବା ଓ ଜୀବନଶୈଳୀ ଅନୁକରଣ କରିବା ନିହାତି ଆବଶ୍ୟକ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି । ମୋଟାପଣ ବିରୋଧି ଅଭିଯାନ ଆରମ୍ଭ ହୋଇ ଯାଇଛି । ଇତି ମଧ୍ୟରେ ୩୮ ତମ ଜାତୀୟ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଟାପଣ ଉପରେ ଗୁରୁତ୍ୱରୋପ କରିଥିଲେ । ତୁରନ୍ତ ଏହାର ସମାଧାନ ନ ହେଲେ ହୃଦରୋଗ ଓ ମଧୁମେହଙ୍କ ସଂଖ୍ୟା ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ସନ୍ତୁଳିତ ଆହାର ଓ ପ୍ରତିଦିନ ବ୍ୟାୟାମ ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ । ବିଶେଷ କରି ଆୟକାରୀ ଦେଶ ମାନଙ୍କ ମଧ୍ୟରେ ଆମେରିକାରେ ମୋଟାପଣର ହାର ସର୍ବାଧିକ ଥିଲା । ଏବେ ଭାରତରେ ଏହି ଚିନ୍ତାକୁ ବଢ଼ାଇ ଦେଇଛି । କେବଳ ଭାରତରେ ନୁହେଁ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ମେଦବହୁଳ ରୋଗୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି । ଏପରିକି ଯୁବବର୍ଗ ମଧ୍ୟରେ ଏହି ରୋଗ ବଢୁଥିବାରୁ ସମସ୍ତଙ୍କ ଚିନ୍ତା ବଢ଼ି ଯାଇଛି । ପ୍ରତ୍ୟେକ ଯୁବବର୍ଗର ଲୋକେ ଏଥିରୁ ବର୍ତିବା ପାଇଁ ପ୍ରତିଦିନ ବ୍ୟାୟାମର ଆବଶ୍ୟକତା ନିହାତି ଜରୁରୀ

# ଏଣିକି ଜଳ ଚିନ୍ତା

◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ବିଶ୍ୱ ଜଳ ଦିବସରେ ଜାତିସଂଘ ପକ୍ଷରୁ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ଯେତିକି ଚିନ୍ତାଜନକ, ସେତିକି ଉଦ୍‌ବେଗଜନକ ମଧ୍ୟ । ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ୨୬ ପ୍ରତିଶତ ଲୋକ ଏବେ ବି ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଂଚିତ । ସେହିପରି ୪୬ ପ୍ରତିଶତ ଲୋକଙ୍କୁ ପରିମଳ ସୁବିଧା ମିଳୁନାହିଁ । ସେହିପରି ବିଶ୍ୱର ୧୦ ପ୍ରତିଶରୁ ଅଧିକ ଲୋକ ଉତ୍କଟ ଜଳ ସମସ୍ୟାର ସମ୍ମୁଖୀନ ରାଷ୍ଟ୍ରରେ ବାସ କରୁଛନ୍ତି । ଆହୁରି ମଧ୍ୟ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ୮୦୦ କୋଟି ଲୋକଙ୍କ ମଧ୍ୟରୁ ୩୫୦ କୋଟି ଲୋକ ଜଳସଂକଟ ଜନିତ ପରିସ୍ଥିତିରେ ବର୍ଷକୁ ଅନ୍ୟୁନ ଏକମାସ ଅତିବାହିତ କରୁଛନ୍ତି । ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି ଯେ, ପାନୀୟ ଜଳ ଅଭାବରୁ ତଥା ଦୂଷିତ ଜଳ ପିଇ ବିଶ୍ୱରେ ଦୈନିକ ୫୦୦୦ରୁ ଉର୍ଦ୍ଧ୍ୱ ଶିଶୁଙ୍କର ମୃତ୍ୟୁ ଘଟୁଛି । ଏହି ଦୂଷିତ ଜଳ ସେବନ ଜନିତ ମୃତ୍ୟୁ ଏବେ ମହାମାରୀ ଠାରୁ ବଳିଯାଇଛି ବୋଲି କୁହାଯାଇ ପାରେ । ଅନ୍ୟପକ୍ଷରେ ଆସନ୍ତା ୨୦୫୦ ମସିହା ବେଳକୁ ବିଶ୍ୱର ବହୁରାଷ୍ଟ୍ର ଉତ୍କଟ ଜଳ ସଂକଟର ସମ୍ମୁଖୀନ ହେବା ବେଳେ ପରିବେଶବିତ ମାନେ ଚେତବାନୀ ଦେଇଛନ୍ତି । ଏହାର କାରଣ, ବିଶ୍ୱଜଳବାୟୁ ପରିବର୍ତନ, ଆନ୍ତର୍ଜାତିକ ଉଷ୍ଣତା ବୃଦ୍ଧି ବୋଲି କୁହାଯାଇଛି । ସେହିପରି ଭୂତଳ ଜଳସ୍ତର ମଧ୍ୟ ବର୍ଷକୁ ବର୍ଷ ହ୍ରାସ ପାଇବାରେ ଲାଗିଥିବା କୁହାଯାଇଛି । ଗୋଟିଏ ପଟେ ଜଳବାୟୁ ପରିବର୍ତନ ଓ ଆନ୍ତର୍ଜାତିକ ଉଷ୍ଣତା ବୃଦ୍ଧି ଯୋଗୁ ବରଫ ତରଳିବା ଫଳରେ ସମୁଦ୍ର ଜଳ ପତନ ବୃଦ୍ଧି ପାଇଥିବାବେଳେ ଅନ୍ୟପଟେ ଭୂତଳ ଜଳସ୍ତର ହ୍ରାସ ପାଇଥିବାବେଳେ ଯାହାକି ଏବେ ପାନୀୟ ଜଳ ସଂକଟର ମୂଳକାଣ ଭାବେ ଉଭା ହୋଇଛି । ଆହୁରି ଜଳ ଅପଚୟ ବା ଅବ୍ୟବହାର ମଧ୍ୟ ବଢିବାରେ ଲାଗିଛି । ଯେତିକି ଜଳ ଅପଚୟ ହୋଇଛି, ସେଥିରେ



ବିଶ୍ୱର ୮୦୦ କୋଟି ଲୋକ ଗୋଟିଏ ମାସ ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳିଯିବେ । ଏଥିରେ ସନ୍ଦେହ ନାହିଁ । ଜଳ ଅପଚୟ ରୋକିବାକୁ ବିଶ୍ୱବ୍ୟାପୀ ସଚେତନତା ଜରୁରୀ । ଜାତିସଂଘ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ବିଶ୍ୱର ମୋଟ ଜଳ ମଧ୍ୟରୁ ୭୦ ପ୍ରତିଶତ କୃଷି କ୍ଷେତ୍ରରେ ବ୍ୟବହାର ହେଉଛି, ତେବେ ଏହାକୁ ସୁନିଶ୍ଚିତ କରାଯିବା ଆବଶ୍ୟକ କୃଷିକ୍ଷେତ୍ରରେ ଜଳାଭାବ ଭବିଷ୍ୟତ ବିଶ୍ୱରେ ଗୁରୁତ୍ୱର ଶସ୍ୟ ହାନି ସାଙ୍ଗକୁ ଗୁରୁତର ଖାଦ୍ୟ ସଂକଟ କାରଣ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ଆବଶ୍ୟକ କେତେକ ରାଷ୍ଟ୍ର ବୁନ୍ଦା ଜଳସେଚନ କାର୍ଯ୍ୟକ୍ରମକୁ ଆପନେଇଥିବା ସହ ଜଳ ସଂଚୟ ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । ଆମ ଦେଶରେ ଜଳସଂକଟ ମଧ୍ୟ କିଛି କମ୍ ନୁହେଁ । ଖରାଦିନ ଆସିଲେ ଆମ ଦେଶରେ ପାହାଡିଆ, ଦୁର୍ଗମ ଅଂଚଳରେ ପାନୀୟ ଜଳ ସଂକଟ ଦେଖାଦିଏ । ବର୍ଷାଭାବ ସାଙ୍ଗକୁ ନଦୀ, ପୋଖରୀ, କୂଅ ଆଦି ଶୁଖିଯିବା ସହ ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁଁ ପାନୀୟ ଜଳ ସଂକଟ ଉତ୍କଟ ଆକାର ଧାରଣ କରିଥାଏ । ନିକଟରେ ଇଂଟରଗଭର୍ଣ୍ଣମେଂଟର ପ୍ୟାନେଲ ଅନ କ୍ଲାଇମେଟ ଚେଞ୍ଜେସ୍(ଆଇପିସିସି) ଏବଂ ସଂସଦୀୟ ଷ୍ଟାଣ୍ଡିଂ କମିଟି ଦେଇଥିବା ରିପୋର୍ଟରେ ଦେଶରେ ପାନୀୟ ଜଳ ସଂକଟ ସମ୍ପର୍କରେ ସଂକେତ ପ୍ରଦାନ କରୁଛି । ଆଇପିସିସି ରିପୋର୍ଟରେ ଜଳବାୟୁ ପରିବର୍ତନ ସମ୍ପର୍କରେ ସୂଚନା ଦେଇଛି । ଆନ୍ତର୍ଜାତିକ ଉଷ୍ଣତା ବୃଦ୍ଧି ଏବେ ବିପଦ ସଂକେତ ଅତିକ୍ରମ କରିଛି । ଉଷ୍ଣତା ୧.୧ ଡିଗ୍ରୀ ବୃଦ୍ଧି ପାଇଥିବାବେଳେ ଏବେ ୧.୫ ଡିଗ୍ରୀ ମୁହାଁ ହୋଇଛି । ଯାହାକି ଉତ୍କଟ ଜଳ ସଂକଟର କାରଣ ହେବ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ସଂସଦୀୟ ଷ୍ଟାଣ୍ଡିଂ କମିଟିର ରପୋର୍ଟ ଯାହାକି ଗତ ସପ୍ତାହରେ ଲୋକସଭାରେ ଉପସ୍ଥାପିତ କରାଯାଇଛି । ସେଥିରେ ଦର୍ଶାଯାଇଛି ଯେ, ଦେଶରେ ଭୂତଳ ଜଳର ୬୭% ଜଳସେଚନ ବ୍ୟବହୃତ ହୋଇ ଥିବା ବେଳେ ୮୦% ପାନୀୟ ଜଳ ଭାବେ ବ୍ୟବହୃତ ହେଉଛି । ତେବେ ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ଜଳ ସଂଚୟ ଉପରେ କମିଟି ଗୁରୁତ୍ୱ ଦେଉଛନ୍ତି । ବର୍ଷ ଜଳ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ମଧ୍ୟ ଏକ ସ୍ୱତନ୍ତ୍ର ଯୋଜନା କରିଛନ୍ତି । ଆମ ରାଜ୍ୟରେ ଜଳ ସଂକଟ ଖରାଦିନ ଆରମ୍ଭରୁ ହିଁ ଆରମ୍ଭ ହୋଇଥାଏ । ଉଭୟ ପାନୀୟ ଓ ଜଳସେଚନ ପାଇଁ ଜଳାଭାବ ପ୍ରତିବର୍ଷ ପରିଲକ୍ଷିତ ହେଉଛି । ୨୦୨୪ ସୁଦ୍ଧା ସବୁ ଘରକୁ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ପାଇଁ ସରକାର ଘୋଷଣା କରିଛନ୍ତି । ତେବେ ଏହି ଯୋଜନା କେତେ ଦୂର ଲକ୍ଷ୍ୟ ପୂରଣ ହୋଇ ପାରିବ ତାହା ଭବିଷ୍ୟତ ହିଁ କହିବ । ରାଜ୍ୟବାସୀଙ୍କର ଜୀବନରେଖା ଭାବେ ପରିଚିତ ମହାନଦୀ ଏବେଠାରୁ ଶୁଖିଲା ପଡିଲାଣି । ଉପରମୁଣ୍ଡରେ ଛତିଶଗଡରେ ଏକାଧିକ ବ୍ୟାରେଜ ଯୋଗୁଁ ମହାନଦୀର ଜଳାଧାର ଅଟକି ଯାଇଛି । ମହାନଦୀ ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ଓଡିଶା ଛତିଶଗଡ ମଧ୍ୟରେ ବାରମ୍ବାର ତ୍ରିପୋଷିକ ବୈଠକ ଅନୁଷ୍ଠିତ ହୋଇ ଥିବା ସତ୍ତ୍ୱେ ସମାଧାନ ହୋଇ ପାରିନାହିଁ । ଆହୁରି ଜଳ ବିବାଦର ସମାଧାନ ଲାଗି ସ୍ୱତନ୍ତ୍ର ମହାନଦୀ ଟ୍ରିବ୍ୟୁନାଲ ଗଠିତ ହୋଇଥିବା ବେଳେ କେବଳ ବାରମ୍ବାର ଶୁଣାଣୀ ଏବଂ କାର୍ଯ୍ୟକାଳ ବୃଦ୍ଧି ସାର ହୋଇଛି । ବିବାଦର ଯଦି ଆଶୁ ସମାଧାନ ନହୁଏ ତେବେ ମହାନଦୀ ଅବବାହିକା । ଅଂଚଳରେ ଉତ୍କଟ ଜଳାଭାବକୁ ଏଡାଇ ଦିଆଯାଇ ନପାରେ ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨-୯୪୩୭୯୯୪୩୭୯*




# ଆଧୁନିକ ଭାରତର ଅନନ୍ୟ ସ୍ଥପତି ଗୋବିନ୍ଦବଲ୍ଲଭ ପନ୍ତ

◆ ସୌର ଚନ୍ଦ୍ର ମହାପାତ୍ର

ଆଜିର ଭାଷଣ ସର୍ବସ୍ୱ ଓ ପୋତା ପୋତା ପ୍ରତିଶ୍ରୁତି ସମ୍ପନ୍ନ ରାଜନେତା ମାନଙ୍କୁ ଦେଖିଲେ ମନେପଡ଼ନ୍ତି ଭାରତର ଅନନ୍ୟ ସ୍ୱାଧୀନଚେତା ଜନନେତା ଗୋବନ୍ଦ ବଲ୍ଲଭ ପନ୍ତ । ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ଏବଂ ଆଧୁନିକ ଭାରତର ସ୍ଥପତିମାନଙ୍କ ମଧ୍ୟରୁ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତ ଅନ୍ୟତମ । ଜାତିର ଜନକ ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସହିତ ପନ୍ତ ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ପରବର୍ତୀ ସମୟରେ ରାଜନୀତି କ୍ଷେତ୍ରରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ । କୁହାଯାଏ ବିରୋଧୀ ଦଳରେ ମଧ୍ୟ ତାଙ୍କର ଅତ୍ୟନ୍ତ ପ୍ରିୟ ମିତ୍ରମାନେ ଥିଲେ । ସେ ସବୁବେଳେ ଭାରତ ଓ ଭାରତବାସୀଙ୍କ ପ୍ରଗତିର ସ୍ୱପ୍ନ ହିଁ ଦେଖୁଥିଲେ ଓ ନିରନ୍ତର କାର୍ଯ୍ୟ ଜାରି ରଖିଥିଲେ । ସେ ଉତରପ୍ରଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଏବଂ ଭାରତର ଚତୁର୍ଥ ଗୃହମନ୍ତ୍ରୀ ଥିଲେ । ଗୃହମନ୍ତ୍ରୀ ଭାବେ ଭାରତକୁ ଭାଷା ଅନୁସାରେ ବିଭିନ୍ନ ରାଜ୍ୟରେ ବିଭକ୍ତ କରିବା ତଥା ହିନ୍ଦୀକୁ ଭାରତର ରାଷ୍ଟ୍ରଭାଷା ରୂପେ ମାନ୍ୟତା ପ୍ରଦାନ କରିବା ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା । ସଂସ୍କୃତ ତଥା ଭାରତର ବିଭିନ୍ନ ପ୍ରାନ୍ତୀୟ ଭାଷା ଉପରେ ତାଙ୍କ ଅଗାଦ ଜ୍ଞାନ ଓ ପାଣ୍ଡିତ୍ୟ ରହିଥିଲା । ତାଙ୍କର ବିଜ୍ଞ ଓ ଜ୍ଞାନଗର୍ଭକ ତତ୍ତ୍ୱ ଆଲୋଚନା ଶୁଣିବା ପାଇଁ ଅନେକଙ୍କ ଆଗ୍ରହ ରହୁଥିଲା ଓ ଏଥିପାଇଁ ମଧ୍ୟ ସେ ଅନେକ କାର୍ଯ୍ୟକ୍ରମରେ ନିଜକୁ ସାମିଲ ମଧ୍ୟ କରୁଥିଲେ । ଜଣେ କର୍ମ ଚସଞ୍ଚଳ ଓ ରାଷ୍ଟ୍ରଭକ୍ତ ଭାବେ ସେ ବେଶ ସୁପରିଚିତ । ୧୯୫୭ରେ ତାଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା । ସେପ୍ଟେମ୍ବର ୧୦, ୧୮୮୭ରେ ଜନ୍ମିତ ଏହି ମହାନ ଜନନାୟକଙ୍କର ମାର୍ଚ୍ଚ ୭, ୧୯୬୧ରେ ପରଲୋକ ହୋଇଥିଲା ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ : ୯୪୩୭୦୦୪୪୬୬'*

# କର୍ମବୀର ଗୌରୀଶଙ୍କର ରାୟ



ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତିର ଅଭ୍ୟୁଦୟକୁ କର୍ମବୀର ଗୌରୀଶଙ୍କର ରାୟଙ୍କ ଅବଦାନ ଅତୁଳନୀୟ । ବଙ୍ଗୀୟ ପରିବାରରେ ସେ ଜନ୍ମ ହୋଇ ଥିଲେ । କିନ୍ତୁ ଓଡ଼ିଆ ପ୍ରତି ତାଙ୍କର ଗଭୀର ମମତା ଥିଲା । ଏହି ଭାଷାର ଗୌରବ ବଢ଼ାଇବା ଲାଗି ଆଜୀବନ ଉଦ୍ୟମ କରିଥିଲେ । ତାଙ୍କ ଉଦ୍ୟମରେ କଟକରେ ୧୮୬୫ରେ ଜନ୍ମ ନେଇଥିଲା କଟକ ପ୍ରିଟିଂ କମ୍ପାନୀ । ଏହାର ପରବର୍ଷ ଅଗଷ୍ଟରେ ଏହି ପ୍ରେସରୁ ଉତ୍କଳ ଦୀପିକାର ପ୍ରକାଶନ ଆରମ୍ଭ ହୋଇଥିଲା । ଗୌରୀ ଶଙ୍କର ଥିଲେ ଏହାର ପ୍ରତିଷ୍ଠାତା-ସଂପାଦକ । ଶେଷ ଜୀବନ ପର୍ଯ୍ୟନ୍ତ ସେ ଏହାର ସଂପାଦକ ଥିଲେ । ଉତ୍କଳ ଦୀପିକା ଥିଲା ସେତେବେଳର ଓଡ଼ିଶା ପାଇଁ ମୁଖପତ୍ର । ଏହାକୁ ଓଡ଼ିଶାର ପ୍ରଥମ ଜାତୀୟ ସମ୍ବାଦପତ୍ର ଭାବେ ଗ୍ରହଣ କରାଯାଏ । ଗୌରୀ ଶଙ୍କରର ଏକଦା ଶିକ୍ଷକତା କରୁଥିଲେ । ପରେ ଶିକ୍ଷକତା ଛାଡ଼ିଥିଲେ ଏବଂ ବାର ବର୍ଷ ଧରି କିରାଣି ଚାକିରି କରିଥିଲେ । କଟକ ଅଦାଲତର ସେ ଜଣେ ଜଣାଶୁଣା ଅନୁବାଦକ ଥିଲେ । ୧୮୯୨ରେ ଚାକିରି ଛାଡ଼ି ଉତ୍କଳ ଦୀପିକାକୁ ପୂର୍ଣ୍ଣ ସମୟ ଦେଇଥିଲେ । ସେତେବେଳର ଓଡ଼ିଶାରେ ପ୍ରଚଳିତ ସାମାଜିକ କୁସଂସ୍କାର, ପୂଜାପାର୍ବଣ ଓ ବିବାହ ଉତ୍ସବରେ ବୃଥା ଅପବ୍ୟୟ, ଭଣ୍ଡ ସନ୍ନ୍ୟାସୀ ଓ ଦୁର୍ନୀତିଗ୍ରସ୍ତ ମହନ୍ତଙ୍କ ବିରୁଦ୍ଧରେ ଶାଣିତ ଲେଖାମାନ ପ୍ରକାଶ ପାଉଥିଲା । ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନ ଏବଂ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଉପରେ ପ୍ରକାଶିତ ଲେଖାମାନ ଅତି ଉଚ୍ଚକୋଟୀର ଥିଲା । ଗୌରୀଶଙ୍କର ଥିଲେ କଳା, ସାହିତ୍ୟ ଓ ସଂଗୀତପ୍ରେମୀ । ଉତ୍କଳ ସାହିତ୍ୟ ସମାଜର ଜଣେ ଉଦ୍ୟୋକ୍ତା ଥିଲେ । କିଛି କାଳ ଉତ୍କଳ ସଭାର ସଂପାଦନା କାର୍ଯ୍ୟ କରିଥିଲେ । ପ୍ରେସ କାର୍ଯ୍ୟରେ ଦିନରାତି ଖଟୁଥିଲେ । ୧୯୧୭ ମାର୍ଚ୍ଚ ଆଜିର ଦିନରେ ଗୌରୀଶଙ୍କର ରାୟଙ୍କ ପରଲୋକ ହୋଇଥିଲା ।

# ପଣ୍ଡିତ ଗୋବିନ୍ଦବଲ୍ଲଭ ପନ୍ତ

◆ ଡ଼ଃ.ଅରୁନ୍ଧତୀ ଦେବୀ



ଭାରତୀୟ ସାଧୀନତା ସଂଗ୍ରାମର ଅଗ୍ରଦୂତ ଏବଂ ଆଧୁନିକ ଭାରତର ସ୍ଥପତିମାନଙ୍କ ମଧ୍ୟରୁ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତ ଅନ୍ୟତମ । ଜାତିର ଜନକ ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସହିତ ପନ୍ତ ଭାରତର ସାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ପରବର୍ତୀ ସମୟରେ ରାଜନୀତି କ୍ଷେତ୍ରରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ । ସେ ଉତରପ୍ରଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଏବଂ ଭାରତର ଚତୁର୍ଥ ଗୃହମନ୍ତ୍ରୀ ଥିଲେ । ଗୃହମନ୍ତ୍ରୀ ଭାବେ ଭାରତକୁ ଭାଷା ଅନୁସାରେ ବିଭିନ୍ନ ରାଜ୍ୟରେ ବିଭକ୍ତ କରିବା ତଥା ହିନ୍ଦୀକୁ ଭାରତର ରାଷ୍ଟ୍ରଭାଷା ରୂପେ ମାନ୍ୟତା ପ୍ରଦାନ କରିବା ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା । ୧୯୫୭ରେ ତାଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା । ସେପ୍ଟେମ୍ବର ୧୦, ୧୮୮୭ରେ ଜନ୍ମିତ ଏହି ମହାନ ଜନନାୟକଙ୍କର ମାର୍ଚ୍ଚ ୭, ୧୯୬୧ ରେ ପରଲୋକ ହୋଇଥିଲା ।

*ଶୋଭନୀୟଆନ୍ଦୋଳନ,ଭୁବନେଶ୍ୱର*

# ବିରଳ ପରିଭାଷା



◆ ଅଧ୍ୟାପିକା
ବସନ୍ତ ମଞ୍ଜରୀ ମିଶ୍ର

କୃଷ୍ଣ ସୁଦାମାଙ୍କ ଭାବକୁ ନେଇ ଆଦି ଅନନ୍ତ କାଳରୁ ସମ୍ପର୍କ ର ବିରଳ ପରିଭାଷା ହୋଇ ହୃଦୟ କୁ ଆବେଗ ରେ ଭରି ଛାଇ ପରି ପାଖେ ରହିଥାଏ, ସବୁ ରାଗ ଅଭିମାନ ଅନାୟାସେ ପିଇ, ନିଈତି ନୂଆ ସପନ ଦେଖାଏ, ନୂଆନୂଆ ଆଶା ସଦା ଭରୁଥାଏ, ସମସ୍ୟାର ଘନ ଅନ୍ଧକାରେ ଉଦୀୟମାନ ସୁରୁଜର ଆଲୋକ ଦେଖାଏ, ସେ ଆଉ କେହି ନୁହେଁ, ସେ ହିଁ ମୋର ଅତି ଆପଣାର, ପ୍ରିୟ ସାଙ୍ଗ ଟିଏ । ଜନ୍ମ ଠାରୁ ମୃତ୍ୟୁ ଯାଏଁ, ପାଦେ ପାଦେ ଜଗି ରହିଥାଏ ନିଜ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜାଳି ଚାଲିଥାଏ, ଭୁଲି ସବୁ ଠିକ ଭୁଲ ର ପରିଭାଷା କେବେ ହୋଇ ପରାମର୍ଶ ଦାତା, ନିରାଶା ର ଘନ କୁହୁଡି ଭିତରେ ବି ଆଶା ର ବୀଜ ବୁଣି, ନୂତନତ୍ୱ ର ଅଂକୁରୋଦଗମ କରେ ସେ ହିଁ ମୋର ଅତି ଆପଣାର, ପ୍ରିୟ ସାଂଗଟିଏ । ସବୁ ବିପଦର ମୁକାବିଲା କରି ସମସ୍ୟାର ସମାଧାନ କରି ମୋ ହୃଦୟ ରେ ଘର କରିଯାଏ ସେ ହିଁ ମୋର ଅତି ଆପଣାର ପ୍ରିୟ ସାଙ୍ଗ ଟିଏ ।

*ତାଳଚେର ଥର୍ମାଲ*

# ଭାରତ ରତ୍ନ ଗୋବିନ୍ଦ ବଲ୍ଲଭ

◆ ଅକ୍ଷୟ କୁମାର ରାଉତ

ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ହୋଇ ମଣିଷ ଦେଖେ ପ୍ରକୃତିର ବୈଚିତ୍ର୍ୟ । ସେହି ବୈଚିତ୍ର୍ୟ ମଧ୍ୟରେ ସ୍ୱର୍ଗୀୟ ଶୋଭାର ଭଣ୍ଡାର । ଶ୍ୱେତ ବର୍ଣ୍ଣର ଆସନ ଉପରେ ଉପବେଶନ କରିଥାନ୍ତି ଚିତ୍ ଦେବଦାରୁ, ବୃକ୍ଷରାଜୀ, ବରଫ ପାହାଡ ସବୁଜ ବନାନିର ମଧ୍ୟ ଭାଗରେ ଗିରିଶୃଙ୍ଗ ହିମାଳୟ । ଏହି ସୁଶୋଭିତ ହିମାଳୟ ନିକଟରେ ଅଛି କୋସୀ ନଦୀ । କୋସୀ ନଦୀର ସାମ୍ନାରେ ସାହିଦେବୀ ପାହାଡ, କଟାର ମଲ୍ଲାର ସୂର୍ଯ୍ୟ ମନ୍ଦିର, ତା ନିକଟରେ ଅଛି ଏକ ପୁରୁଣା ଗାଁ ଖୁଣଟ । ଆଜକୁ ପ୍ରାୟ ୧୨୯ ବର୍ଷ ତଳେ ୧୮୮୭ ଅଗଷ୍ଟ ୩୦ ତାରିଖ ଅନନ୍ତବତ୍ର ଦିନ ( ପର ମୂହୁର୍ତରେ ୧୦ ସେପ୍ଟମ୍ବର ଅନନ୍ତବ୍ରତ ପଡୁଥିବାରୁ ତାଙ୍କର ଜନ୍ମ ଦିନ ୧୦ ସେପ୍ଟମ୍ବର ପାଳନ କରାଯାଏ ) ଏହି ଖୁଣଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ । ତାଙ୍କ ପିତାଙ୍କ ନାମ ମନୋରଥ ପନ୍ଥ ଓ ମାତା ଗୋବିନ୍ଦ ବାଇ । ସେମାନଙ୍କ ପୂର୍ବ ପୁରୁଷ ଜୟଦେବ ପନ୍ଥ ମହାରାଷ୍ଟ୍ର ନିକଟବର୍ତୀ କୋଙ୍କଣରୁ ତୀର୍ଥ ଦର୍ଶନରେ ଆସି ଗଙ୍ଗାବାଲି କ୍ଷେତ୍ରର ମଣୀକୋଟି ରାଜବଂଶର ରାଜ ଦରବାରରେ ରାଜଜ୍ୟୋତିଷ ଭାବରେ ରହିଗଲେ । କ୍ରମେ ତାଙ୍କର ବଂଶଜମାନେ ରିବାଡି, ଉପରପଡା, ଖୁଣଟ, କୁନଲତା ଓ ଅଲ୍‌ମୋଡାରେ ବସବାସ କଲେ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜୀବନର ପ୍ରାୟ ସମୟ ଅଲ୍‌ମୋଡାରେ ତାଙ୍କର ମାମୁଁ ଅଜା ପଣ୍ଡିତ ବଦ୍ରିଦତ ଯୋଶୀଙ୍କ ଗୃହରେ କଟିଯାଇଥିଲା । ଅଲ୍‌ମୋଡାର ରାମେସେ ସ୍କୁଲରେ ପ୍ରାଥମିକ ଶିକ୍ଷା କରିଥିଲେ । ଗୋବିନ୍ଦ ସପ୍ତମ ଶ୍ରେଣୀର ଛାତ୍ର, ସେତେବେଳେ ତାଙ୍କର ବୟସ ମାତ୍ର ୧୨ ବର୍ଷ । ଏହି ସମୟରେ ତାଙ୍କ ଅଜା ବଦ୍ରି ଯୋଶୀ ତାଙ୍କର ବିବାହ କାର୍ଯ୍ୟ ସାରିଦେଲେ । ବିବାହର ଅଳ୍ପ ଦିନ ପରେ ମାମୁଁ ଅଜାଙ୍କ ମୃତ୍ୟୁ ଗୋବିନ୍ଦଙ୍କୁ ଅସହ୍ୟ ଦୁଃଖ ଦେଲା । ସେ ଗମ୍ଭୀର ସ୍ୱାଭାବର ହୋଇଗଲେ । ସେ ଅଷ୍ଟମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅତି ସାଧାରଣ ଭାବେ ପାଶ କଲେ । ଦଶମ ଶ୍ରେଣି ପରୀକ୍ଷାରେ ଗୋବିନ୍ଦ ସାରା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ସଫଳତାର ସହ ପାଶକଲେ । ଦ୍ୱାଦଶ ଶ୍ରେଣୀରେ ପଢିବା ସମୟରେ ତାଙ୍କର ହୃଦରୋଗ ଆରମ୍ଭ ହୋଇଥାଏ । ମୋରାଦବାଦରେ ଚିକିତ୍ସା ହୋଇ ସୁସ୍ଥ ହେଲେ । ବିନା ପରିଶ୍ରମରେ ଦ୍ୱାଦଶ ଶ୍ରେଣି ପରୀକ୍ଷାରେ ମେରିଟ୍ ତାଲିକାରେ ପାସ୍ କଲେ । ଏହ୍ଲାବାଦର ' ମ୍ୟର ସେନଟ୍ରାଲ କଲେଜ' ରେ ମେକଡାନଲ୍ ହିନ୍ଦୁ ହଷ୍ଟେଲରେ ରହି ପାଠ ପଢା ପଢି କଲେ । ଏହି ଛାତ୍ରବାସଟି ପରବର୍ତ ସମୟରେ ମାଳବ୍ୟ ଛାତ୍ରବାସରେ ପରିଣତ ହେଲା । ଗୋବିନ୍ଦ ୧୯୦୯ ମସିହାରେ ଆଇନ୍ ପରୀକ୍ଷାରେ ସର୍ବପ୍ରଥମ ସ୍ଥାନ ଅଧିକାର କରି 'ଲୁମ୍‌ସଡେନ୍ ସ୍ୱର୍ଣ୍ଣ ପଦକ' ଲାଭ କଲେ । ଗୋବିନ୍ଦ ଦିନେ ବଡ ମଣିଷ ହେବାର ଲକ୍ଷଣ ପିଲା ଦିନରୁ ଜଣା ପଡିଥିଲା । ଦିନ ସେ ତାଙ୍କ ଆଈଙ୍କୁ ପଚାରିଲେ ଏ କାଉ ମାନଙ୍କ ରଙ୍ଗ କଳା କାହିଁକି ? ଆଈଙ୍କ ଉତର ଥିଲା ନ୍ତ ଈଶ୍ୱର ଏକ ପ୍ରକର ପ୍ରାଣୀଙ୍କୁ ଏକ ପ୍ରକାର ରଙ୍ଗ ଦେଇ ଗଢିଛନ୍ତି ନ୍ତ । ବାଳକ ଗୋବିନ୍ଦ କହି ପକାଇଲେ-ଗାଈ ମାନେ ତ ଗୋଟିଏ ପ୍ରକାର ପ୍ରାଣୀ ସେମାନଙ୍କର ରଙ୍ଗ କାହିଁକି ଭିନ୍ନ ଭିନ୍ନ ପ୍ରକାରର । ଆଈ କିଛି ଉତର ଦେଇ ପାରି ନଥିଲେ । ଏଥରୁ ସେ ଜଣେ ଚତୁର ଓ ବୁଦ୍ଧିମାନ ଜଣା ପଡିଥିଲା । ସେ ନିଜ ଚେଷ୍ଟାରେ 'ବାଲ୍ କ୍ଲବ' ନାମରେ ଏକ ଅନୁଷ୍ଠାନ ଗଢିଥିଲେ । ପାଠ ପଢିବା ସମୟରେ ସେ ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ବହି ପଢିବାକୁ ଭଲ ପାଉଥିଲେ । କ୍ରମେ ସେ ଲେଖା ଲେଖି ଆରମ୍ଭ କଲେ ଓ ହିନ୍ଦି ପତ୍ରିକା ନ୍ତସରସ୍ୱତୀନ୍ତ ରେ ତାଙ୍କ ଲେଖା ଗୁଡିକ ପ୍ରକାଶ ପାଇଲା । ସେ ଏହ୍ଲାବାଦରେ ପଢିବା ସମୟରେ ଏକ ବଡ ଧରଣର ବନ୍ୟା ହୋଇଥାଏ । ଏହି ବନ୍ୟାରେ ଅସହାୟ ଲୋକଙ୍କୁ ସାହାର୍ଯ୍ୟ କରିବା ଓ ଅନ୍ନ ବସ୍ତ୍ର ପ୍ରଦାନ କରିବା କାର୍ଯ୍ୟକ୍ରମରେ ଗୋବିନ୍ଦ ଭାଗନେଲେ । ୧୯୦୫ ମସିହାରେ ବନାରସରେ ହେଉଥିବା କଗ୍ରେସ ଅଧିବେଶନରେ ଗୋବିନ୍ଦ ଯୋଗ ଦେଲେ । ଗୋପାଳ କୃଷ୍ଣ ଗୋଖେଲଙ୍କର ସାରଗର୍ଭକ ଅଭିଭାଷଣ ଗୋବିନ୍ଦଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା । ସେହି ଦିନଠାରୁ ଗୋବିନ୍ଦ ଗୋଖେଲଙ୍କୁ ତାଙ୍କର ରାଜନୈତିକ ଗୁରୁ ଭାବରେ ଗ୍ରହଣ କରି ନେଇଥିଲେ । ଆଇନ ପାଠ ଶେଷ କରି, ଗୋବିନ୍ଦ ବଲ୍ଲଭ ଅଲମୋଡାଠାରେ ଓକିଲାତି ବ୍ୟବସାୟ ଆରମ୍ଭ କଲେ । ଅଲମୋଡାର ଅହଂକାରୀ ଇଂରେଜ ବିଚାରପତିଙ୍କ ସହ ତର୍କ ବିତର୍କ ହେବାରୁ, ଗୋବିନ୍ଦ ବଲ୍ଲଭ ଅଲମୋଡା ଛାଡି କାଶିପୁରଠାରେ ଆଇନ ବ୍ୟବସାୟ ଆରମ୍ଭ କରି ବହୁ ପ୍ରସିଦ୍ଧ ଲାଭ କଲେ । ୧୯୦୮ ମସିହାରେ ତାଙ୍କର ଏକ ପୁତ୍ର ଜନ୍ମ ହେଲା । ଅଳ୍ପ ଦିନ ପରେ ପୁଅଟି ମରିଗଲା, କିଛି ଦିନ ଅନ୍ତରରେ ତାଙ୍କର ପତ୍ନୀଙ୍କ ସ୍ୱର୍ଗବାସ ହୋଇଗଲେ । ତେଣୁ ସେ ୩୦ ବର୍ଷ ବୟସରେ ଦ୍ୱିତୀୟ ବିବାହ କଲେ । କାଶିପୁରଠାରେ ସେ ବାପା, ମା, ସ୍ତ୍ରୀ, ଭଉଣୀ ଓ ଭୀଣୋଈଙ୍କ ସହ ଏକାଠି ସୁଖରେ ବହୁ ଦିନ କଟାଇଥିଲେ । ହଠାତ୍ ଦିନେ ତାଙ୍କ ପିତା ହଇଜା ରୋଗରେ ୪୪ ବର୍ଷ ବୟସରେ ଅକାଳ ମୃତ୍ୟୁବରଣ କଲେ । ତେଣୁ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହେଲା । ପନ୍ଥଜୀ କାଶିପୁରଠାରୁ ନୈନିତାଲ ପର୍ଯ୍ୟନ୍ତ ଭଲ ସୁନାମ ଅର୍ଜନ କରିଥିଲେ । ଏହା ପରେ ସେ ସାହିତ୍ୟ, ଶିକ୍ଷା ଓ ରାଜନୀତିରେ ସକ୍ରିୟ ଭାଗ ନେବାକୁ ଲାଗିଲେ । ତାଙ୍କର ସାହିତ୍ୟ ପ୍ରତି ଆଗ୍ରହ ଯୋଗୁ ସେ କାଶିପୁରଠାରେ 'ପ୍ରେମ ସଭା' ନାମରେ ଏକ ସାହିତ୍ୟ ଅନୁଷ୍ଠାନ ଗଠନ କରିଥିଲେ । ଏ ଅନୁଷ୍ଠାନ ଦିନେ କାଶିପୁର ଅଚଂଳରେ ଜନ ଆନ୍ଦୋଳନ ସୃଷ୍ଟି କରିଥିଲା । ପନ୍ଥଜୀଙ୍କ ଉଦ୍ୟମରେ କାଶିପୁରଠାରେ 'ଉଦୟବୀର ରାଜ ହିନ୍ଦୁ ଉଚ୍ଚ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲା । ପନ୍ଥଜୀ କାଶିପୁର ବିଜ୍ଞାପିତ ଅଚଂଳ ପରିଷଦର ସଭ୍ୟ ଥିଲା ବେଳେ ଶିକ୍ଷାକୁ ବିନା ବେତନରେ ବାଧ୍ୟତାମୂଳକ କରାଇଥିଲେ । ନୈନିତାଲାରେ ପନ୍ଥଜୀ ପାର୍ବତୀୟ ଅଚଂଳର ବିକାଶ ଲାଗି ' କୁମାୟୁନ୍ ପରିଷଦ' ନାମରେ ଏକ ସଂଗଠନ କରିଥିଲେ । ଏହି ସଂଗଠନ ମାଧ୍ୟମରେ ବେଠି-ବେଗାରୀ, କୁଲିଗିରି ଓ ଭୂମିହିନ ଶ୍ରମିକମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ଆନ୍ଦୋଳନ ଜାରି ରଖିଥିଲେ । ବଦ୍ରୀଦତ ପାଣ୍ଡେ ଓ ପନ୍ଥଜୀଙ୍କ ଉଦ୍ୟମ ଯୋଗୁ କୁମାୟୁନର ଲୋକମାନେ ଶୋଷଣରୁ ମୁକ୍ତ ହେଲେ । ୧୯୧୮ ମସିହା ଦିପାବଳୀ ଦିନ 'ଶକ୍ତି' ନାମରେ ଏକ ସମ୍ବାଦପତ୍ର ପ୍ରକାଶ କଲେ ।ଏହି ଶକ୍ତି ଏବେବି ଉଜ୍ଜଳ ଦ୍ୱୀପ ପରି ଆଲୋକ ପ୍ରଦାନ କରୁଛି । କଂଗ୍ରେସ ଭିତରେ 'ସ୍ୱରାଜ ପାର୍ଟି' ନାମରେ ଏକ ନୂଆ ଦଳ ଗଢିଲେ ଚିତରନ ଦାସ ଓ ମୋତିଲାଲ ନେହେରୁ । ପନ୍ଥଜୀ ଏହାର ସମ୍ବିଧାନ ପ୍ରସ୍ତୁତିରେ ସକ୍ରିୟ ଭାଗ ନେଇଥିଲେ । 'ସାଇମନ କମିଶନ' ଙ୍କୁ ବିରୋଧ କରି ପାବ କେଶରୀ ଲାଲା ଲଜପତ୍ ରାୟ ପୋଲିସର ନିର୍ମମ ଲାଠିମାଡରେ ଦେହାନ୍ତ ହୋଇଗଲା । ଲକ୍ଷ୍ନୌରେ ପଣ୍ଡିତ ନେହେରୁ ଓ ପନ୍ଥଜୀ ଏହା ବିରୋଧ କରି ଲାଠି ମାଡ ଖାଇଲେ । ଏହି ମାଡରେ ତାଙ୍କର ପିଠି ହାଡ ଜଖମ ହୋଇଗଲା । ପନ୍ଥଜୀ ନେହେରୁଙ୍କୁ ଲାଠି ମାଡରୁ ଉଦ୍ଧାର କରିଥିବାରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱ ସୃଷ୍ଟି ହେଲା । ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ମେ ୨୫ ତାରିଖରେ ନୈନିତାଲରେ ଲୁଣ ତିଆରି କରି ଲବଣ ଆଇନ ଭଙ୍ଗ କରିବା ପୂର୍ବରୁ ପନ୍ଥଜୀ ଗିରଫ ହୋଇ ୬ ମାସ ଜେଲ ଦଣ୍ଡ ଭୋଗ କଲେ । ସେ ଭବାଲିରେ ଏକ ବଙ୍ଗଳାଟିଏ କରି ସେଠାରେ କିଛି ଦିନ କଟାଇଥିଲେ । ସେଠାରେ ତାଙ୍କର ଏକ ପୁତ୍ର ଜନ୍ମ ହେଲା ଯାହାର ନାମ କୃଷ୍ଣଚନ୍ଦ୍ର(ରାଜା) ପନ୍ଥ । ତାପରେ ତାଙ୍କରେ ୨ ଟି କନ୍ୟା ହୋଇଥିଲା । ୧୯୩୪ ମସିହାରେ ପନ୍ଥଜୀ କେନ୍ଦ୍ରୀୟ ବିଧାନସଭାର ସଭ୍ୟ ଭାବେ ନିର୍ବାଚିତ ହେଲେ । ୧୯୩୭ ମସିହାରେ କଂଗ୍ରେସ ନେତୃତ୍ୱରେ କେତେକ ରାଜ୍ୟରେ ସରକାର ଗଢା ହେଲା । ଯୁକ୍ତ ପ୍ରଦେଶ( ଉତର ପ୍ରଦେଶ)ରେ ପନ୍ଥଜୀଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠନ ହେଲା । ଜୁଲାଇ ୧୭ ତାରିଖରେ ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ । ଦ୍ୱିତୀୟ ମହାଯୁଦ୍ଧରେ କଂଗ୍ରେସ ଅସହଯୋଗ କରିବା ପାଇଁ ସ୍ଥିର କଲା । ତେଣୁ ସବୁ ରାଜ୍ୟର କଂଗ୍ରେସ ସରକାର ଇସ୍ତଫା ଦେଇଦେଲେ । ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ସେ ଗିରଫ ହୋଇ ଏକ ବର୍ଷ ଜେଲ ଦଣ୍ଡ ଭୋଗ କଲେ । ମୁସ୍‌ଲିମ୍ ଲିଗ୍ ଦଳ ହିଂସା ପଥକୁ ଆଦରି ନେଇଥିଲା । ୧୯୪୬ ମସିହାରେ ମୁସ୍‌ଲିମ୍ ଲିଗ୍ ଦଳ ଅଗଷ୍ଟ ୧୬ ତାରିଖରେ ସିଧା ମୁକାବିଲା ଦିବସ ପାଳନ କରିବାରୁ ଦେଶରେ ହିଂସାକାଣ୍ଡ ବ୍ୟାପିଗଲା । କେବଳ କଲିକତାରେ ଦଶ ହଜାର ଲୋକ ମଲେ । ୧୯୪୭ ମସିହା ଜୁନ ୧୪ ତାରିଖରେ ପନ୍ଥଜୀ ଦେଶ ବିଭାଜନ ପ୍ରସ୍ତାବ ଆଗତ କଲେ, ଅଖିଳ ଭାରତୀୟ କଂଗ୍ରେସ କମିଟି ବାଧହୋଇ ଦେଶ ବିଭାଜନ ସିଦ୍ଧାନ୍ତକୁ ମାନିନେଲା । ଭାରତ ସ୍ୱାଧୀନ ହେଲା । ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ । ୧୯୩୭ ମସିହା ମନ୍ତ୍ରୀମଣ୍ଡଳରେ ଯେଁଉମାନେ ଥିଲେ ସେମାନଙ୍କୁ ମଧ୍ୟ ଏହି ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଲେ । ପନ୍ଥଜୀ ଯୁକ୍ତ ପ୍ରଦେଶର ନାମ ଉତର ପ୍ରଦେଶ ଦେଇଥିଲେ । ୧୯୫୫ ମସିହା ଜାନୁଆରୀ ୧୦ ତାରିଖରେ ସେ କେନ୍ଦ୍ରରେ ଗୃହମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ । ସେ ଥିଲେ ଦିଗଦ୍ରଷ୍ଟା, ଦୂରଦ୍ରଷ୍ଟା ସଂପର୍ଣ୍ଣା ସବୁ ଧର୍ମକୁ ଭଲ ପାଉଥିବା ମଣିଷ । ତାଙ୍କର ମହାନ ଦକ୍ଷତା ପାଇଁ ୧୯୫୭ ମସିହା ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସରେ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ' ଭାରତରତ୍ନ' ଉପାଧି ପ୍ରଦାନ କରାଯାଇଥିଲା । ୧୯୬୧ ମସିହା ମାର୍ଚ ୭ ରାତିଖରେ ପନ୍ଥଜୀ କୋଟି କୋଟି ଦେଶବାସୀଙ୍କୁ ଶୋକସାଗରରେ ଭସାଇ ଦେଇ ସ୍ୱର୍ଗାରୋହଣ କଲେ । ସେ ଥିଲେ ନବ ଭାରତର ନିର୍ମାତା, ତାଙ୍କର ନାମ ଶ୍ରଦ୍ଧା ଓ ଆଦରରେ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଧ ହୋଇ ରହିବ ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫*











# ଜାତୀୟ ଏଚ୍‌ପିଭି ଟୀକାକରଣର ଶୁଭାରମ୍ଭ

ଜୟପୁର : ଜୟପୁର ବ୍ଲକ ଅନ୍ତର୍ଗତ ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ଏଚ୍.ପି.ଭି. ଟୀକାକରଣର ଶୁଭାରମ୍ଭ ହୋଇଛି । ଏହି ବ୍ଲକ ସ୍ତରିୟ ଟୀକାକରଣର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜୟପୁର ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର ଉପସ୍ଥିତ ଥିଲେ । ଜରାୟୁ ଗ୍ରୀବା କର୍କଟ ପ୍ରତିରୋଧ ପାଇଁ ଅଭିନବ ପଦକ୍ଷେପ । ଶୁଭାରମ୍ଭ ସମୟରେ ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ସ୍ୱାସ୍ତିକ ମହଲା, ଆରଭିସିସିଏମ ଅଭିଶେକ ମିଶ୍ର, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରି ଧରିତ୍ରି ମୁଦୁଲି, ବିପିଏମ ସନ୍ତୋଷିନି ପଣ୍ଡା, ସୁପରଭାଇଜର ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ୨ ମାସ ରବାଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ରେ ଟୀକାକରଣ ହେବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୂଚନା ଦିଆଯାଇଛି । କିଶୋରୀଙ୍କ ପାଇଁ ବରଦାନ ହେବ ଏଚ୍.ପି.ଭି. ଟୀକାରରଣ । ରାଜସ୍ଥାନର ଆଜମେରରେ ଏଚ୍.ପି.ଭି. ଟୀକାରରଣ ଟୀକାକରଣ ଶୁଭାରମ୍ଭ କରିଛନ୍ତି ପ୍ରଧାନମମନ୍ତ୍ରୀ । ସର୍ଭାଇକାଲ କ୍ୟାନ୍ସର ମୁକାବିଲା ପାଇଁ ୯-୧୪ ବର୍ଷର ବାଳିକାଙ୍କୁ ଏହି ଟୀକା ଦିଆଯିବ । ପ୍ରଥମ ଡୋଜ ପରବର୍ତୀ ୩ ଡୋଜ ମଧ୍ୟରେ ବର୍ଷେ ଅନ୍ତରାଳ ରହିଛି । ଏଚ୍.ପି.ଭି. ଟୀକାରରଣ ଅଭିଯାନ- ଦେଶରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି । ସର୍ଭାଇକାଲ୍ କ୍ୟାନ୍ସର ବା ଗର୍ଭାଶୟ ମୁଖ କର୍କଟରୁ ଦେଶର ଝିଅମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଭାରତରେ ଏଚ୍.ପି.ଭି. ଟୀକାରରଣ ଅର୍ଥାତ୍ ହ୍ୟୁମାନ ପାପିଲୋମା ଭାଇରସ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅଭିଯାନ ଅଧୀନରେ ସରକାର ପ୍ରତିବର୍ଷ ପ୍ରାୟ ୧.୧୫ କୋଟି ୧୪ ବର୍ଷର କିଶୋରୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଏହି ଟୀକା ପ୍ରଦାନ କରିବେ । ସରକାରୀ ଡାକ୍ତରଖାନାରେ ଏହି ଟୀକା ଉପଲବ୍ଧ ହେବ । ସ୍ୱେଚ୍ଛାକୃତ ଭାବେ ଦିଆଯାଉଥିବା ଏହି ଟୀକାକରଣ 'ସୁସ୍ଥ ନାରୀ, ସଶକ୍ତ ରାଷ୍ଟ୍ର' ସଂକଳ୍ପକୁ ଆହୁରି ମଜବୁତ କରିବ । ମହିଳାମାନଙ୍କ ମଧ୍ୟରେ କର୍କଟ ସମ୍ପର୍କିତ ରୋଗର ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ ଏବଂ ଏହା ସାରା ଦେଶରେ ଝିଅ ଏବଂ ମହିଳାଙ୍କ ଦୀର୍ଘକାଳୀନ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହେବ । କାହିଁକି ଜରୁରୀ ଏହି ଟୀକା ଭାରତରେ ମହିଳାମାନଙ୍କ ମଧ୍ୟରେ ଦେଖାଯାଉଥିବା କର୍କଟ ମଧ୍ୟରେ ଅଧିକାଂଶ ସର୍ଭାଇକାଲ କ୍ୟାନ୍ସରରେ ପୀଡ଼ିତ । ଦେଶରେ ପ୍ରତିବର୍ଷ ପ୍ରାୟ ୮୦ ହଜାର ନୂଆ ମାମଲା ସାମ୍ନାକୁ ଆସୁଥିବା ବେଳେ ୪୨ ହଜାରରୁ ଅଧିକ ମହିଳାଙ୍କ ମୃତ୍ୟୁ ଘଟୁଛି । ଡାକ୍ତରଙ୍କ ଅନୁଯାୟୀ, ଏଚ୍.ପି.ଭି. ଭାଇରସ ବିଶେଷ କରି ଟାଇପ୍ ୧୬ ଏବଂ ୧୮ ଯୋଗୁଁ ଏହି କର୍କଟ ହୋଇଥାଏ । ସଠିକ୍ ସମୟରେ ଟୀକାକରଣ ଏବଂ ଯାଂଚ୍ ଦ୍ୱାରା ଏହି ମାରାତ୍ମକ ରୋଗକୁ ରୋକାଯାଇପାରିବ ।

# ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ: ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଭାତ ବା ଚାଉଳର ଗୁଣ ଜ୍ଞାନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ କହିଲେ, ତଣ୍ଡୁଳ ବତୁରା ପାଣି ରକ୍ତପ୍ରଦର, ରକ୍ତାତିସାର, ମିଶ୍ରି ମିଶାଇ ପିଇଲେ ଦାହ, ଜ୍ୱର ଓ ମୂତ୍ରଦାହ, ଅଗ୍ନିମାନ୍ଦ୍ୟ, ପେଜ ଏନିମା ଦେଲେ ପେଟବ୍ୟଥା, କୋଷ୍ଠକାଠିନ୍ୟ, ଜଳୋଦରୀ, ବ୍ରଣଶୋଥ, ମୁହଁର କଳାଦାଗ ଭଲ ହୁଏ । ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଶିବିରର ପରିଚାଳନା ରେ ସହଯୋଗ କରିଥିଲେ କେ. ବାଳକୃଷ୍ଣ ପାତ୍ର ।

# ଜିଲାସ୍ତରୀୟ ଅଂଶୁଘାତ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ

ଧର୍ମଶାଳା : ଯାଜପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାରେ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତ ମୁକାବିଲା ନିମନ୍ତେ ଏକ ଜିଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ସଫଳ ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ, ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ ଓ ତହସିଲରେ ୨୪ଘଂଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ । ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ଲାଇ ଓ ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ, ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ଓ ପାଇପ ଲାଇନଗୁଡିକୁ ଯୁଦ୍ଧକାଳୀନ ଭିତିରେ ମରାମତି କରବି। ସହିତ ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ କରି ରଖିବା ସହିତ ଜଳ ସମ୍ପର୍କୀତ ଯେଉଁ ଭଳି କୌଣସି ଅଭିଯୋଗ ନ ଆସେ ସେଥିପ୍ରତି ଧ୍ୟାନ ଦେବାକୁ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟ ମାନଙ୍କରେ ଅଂଶୁଘାତ ସଚେତନତା ସମ୍ପର୍କୀତ ବ୍ୟାନର ,ହୋଡିଂ ଓ ପୋଷ୍ଟର ଇତ୍ୟାଦି ଲାଗାଇବାକୁ ସମାଜିକ ଗଣମାଧ୍ୟମରେ ସଚେତନା ବାର୍ତା ପ୍ରଦାନ କରିବା ସହିତ ଆବାଏକ ହେଲେ ପ୍ରଚଣ୍ଡ ଖାରାରେ ବାହାରକୁ ନ ବାହାରିବା, ବାହରକୁ ବାହାରୁ ଥିଲେ ସଂଗରେ ପାଣି ବୋତଲ, ଛତା ଓ କଳା ଚଷମା ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲାମୁଖ୍ୟ ଚିକିତ୍ସା ଅଧିକାରୀ.ବିଡିଓ ଓ ତହସିଲଦାର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଜିଲାସ୍ତରୀୟ କ୍ରୀଡା ଏବଂ ସାଂସ୍କୃତିକ ପ୍ରତିଯୋଗିତା

ଜୟପୁର : ଜିଲା ସ୍ତରିୟ ଦିବ୍ୟାଙ୍ଗ ମାନଙ୍କ ନିମନ୍ତେ କ୍ରୀଡା ଏବଂ ସାଂସ୍କୃତିକ ପ୍ରତିଯୋଗିତା ଜୟପୁର ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆଜି ଅନୁଷ୍ଠିତ ହୋଇଛି । ଏହି ଜିଲା ସ୍ତରିୟ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଭାବେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି, ଆଇଟିଡିଏର ପିଏ ତୃପ୍ତି ବରାଇ , ବିଡିଓ ଶକ୍ତି ମହାପାତ୍ର, ଜିଲା ସାମଜିକ ସୁରକ୍ଷା ଅଧିକାରି ତରୁଣ ତପନ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ ।ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ଏଥିରେ ଜିଲା ସ୍ତରିୟ ୨୦ଟି ପ୍ରକାର ଖେଳ ପ୍ରତିଯୋଗିତା କରାଯାଇଛି । ଏଠାରେ ଆଂଶିକ ଦୃଷ୍ଟିହିନ, କନିଷ୍ଠ, ବରିଷ୍ଠ ବିଭାଗ କରାଯାଇଛି । ଏଥିରେ କନିଷ୍ଠ ହିସାବରେ ୧ରୁ ୧୬ ବର୍ଷ ଏବଂ ବରିଷ୍ଠ ନିମନ୍ତେ ୧୭ ବର୍ଷ କିମ୍ବା ତଦ୍ଦୁର୍ଦ୍ଧ୍ୱ ବୟସ ରହିଛି । ଦୌଡ, ସାଇକେଲିଙ୍ଗ, ନାଚ, ଚିତ୍ର କଳା, ଉଚ୍ଚ ଡିଆଁ, ଲମ୍ବା ଡିଆଁ, ଗୀତ ଭଳି ପ୍ରାୟ ୨୦ଟି ପ୍ରକାର ପ୍ରତିଯୋଗିତା ଆୟୋଜନ ହୋଇଛି । କୋରାପୁଟ ଜିଲାର ୧୪ଟି ବ୍ଲକ ୪ଟି ପୌରାଂଚଳର ୨୬୦ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ । ଜିଲା ସ୍ତରିୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ରାଜ୍ୟ ସ୍ତରରେ ପ୍ରତିଯୋଗିତାରେ ଭାଗ ନେବେ ।

# ଗାୟତ୍ରୀ ମହାଯଜ୍ଞ ନେଇ ପ୍ରସ୍ତୁତି ବୈଠକ

ଜୟପୁର : ଓଡ଼ିଶା ଗାୟତ୍ରୀ ପରିବାର ସବ୍ ଜୋନ କର୍ଡିନେଟର ଶ୍ରୀ ବାଲ୍ମୀକି ପ୍ରଧାନ ଙ୍କ ଆହ୍ୱାନ କ୍ରମେ ବୋରିଗୁମ୍ମା ସ୍ଥିତ ନବନିର୍ମିତ ଗୁରୁ କୃପା ଭବନ ଠାରେ ଅବିଭକ୍ତ କୋରାପୁଟ ଜିଲ୍ଲା ଗାୟତ୍ରୀ ପରିବାର ର ସମସ୍ତ ମୂଖ୍ୟ ଟ୍ରଷ୍ଟି ଓ କାର୍ଯ୍ୟକର୍ତାଙ୍କୁ ନେଇ ୨୫୧କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ କରିବା ନିମନ୍ତେ ଏକ ପାରିବାରିକ ବନ୍ଧୁ ମିଳନ ମହା ଶୋଭା ର ଆୟୋ ।ଜନ କରା ଯାଇ ଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ,ଓ ସୁ କ୍ ମା ବିଧାୟକ କଓ୍ୱାସି ଲାକ୍ମା ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଓଡ଼ିଶା ରାଜ୍ୟ ଜୋନ ପ୍ରଭାରୀ ସୋମିତ୍ରି ଥନପତୀ, ଯୋଗଦାନ କରି ସମସ୍ତ ପରିବାର କୁ ମାର୍ଗ ଦର୍ଶନ ଦେଇ ଥିଲେ । ତାଙ୍କ ପ୍ରେରଣାରେ ଅନୁ ପ୍ରାଣୀତ ହୋଇ ଜୟପୁର ଗାୟତ୍ରୀ ଶକ୍ତି ପୀଠ ର ମୁଖ୍ୟ ଟ୍ରଷ୍ଟି ବ୍ୟବସ୍ଥା ପ୍ରମୁଖ ଶ୍ରୀ ଅନିଲ ଦାସ , ସମ୍ପାଦକ ଶ୍ରୀ ଗୋପାଳ ପାତ୍ର,ଜିଲ୍ଲା ସମନ୍ୱୟ କ ରତ୍ନମ୍ବରା ପାତ୍ର , ସପ୍ତ ଶୁଦ୍ରି କାର୍ଯ୍ୟକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି ଓ ପ୍ରଜ୍ଞା ପୀଠ ର ପ୍ରମୁଖ ପ୍ରମିଳା ମହାପାତ୍ର ଓ ଅନ୍ୟାନ୍ୟ କାର୍ଯ୍ୟକର୍ତାଗଣ ୧୦୮ କୁଣ୍ଡିୟ ଯଜ୍ଞ କରିବା ପରେ କୌଣସି ବିରାଟ କାର୍ଯ୍ୟକ୍ରମ କରାଯାଇ ପାରିନାହିଁ । ତେଣୁ ଉକ୍ତ ୨୫୧ କୁଣ୍ଡ ଗାୟତ୍ରୀ ମହା ଯଜ୍ଞକୁ ଜୟପୁର ସହର ରେ କରିବା ନିମନ୍ତେ ନିଷ୍ପତି ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ର ଆଂଚଳିକ ପ୍ରଭାରୀ ଉପେନ୍ଦ୍ର ନାଗ, ରାୟଗଡ଼ାର ଏନ ପି ସିଂଙ୍ଗ, ଶ୍ରୀ ସୁଧୀର ମିଶ୍ର , ବୌଦ୍ଧ ଜିଲ୍ଲା ର ବିଚିତ୍ରାନନ୍ଦ ସାହୁ ,କୋରାପୁଟ ଜିଲ୍ଲା ର ଶ୍ରୀ ବିଚିତ୍ର ନନ୍ଦ ଧଳ , ଅମର ପାଢ଼ୀ , ନିରଞ୍ଜନ ଭୂୟାଁ ,ସହ ସମନ୍ୱୟକ ବୁଲୁ ଦୋଲେଇ ଛତିଶ ଗଡ ର କାର୍ଯ୍ୟକର୍ତାଗଣ ଉପସ୍ଥିତ ରହି ମାଲକାନଗିରି ଜିଲ୍ଲା ସମନ୍ୱୟକ ସନ୍ଧ୍ୟା ରାଣୀ ପାଢ଼ୀ ,କୁଞ୍ଜ ଭାଇ ଫୋନ ବାର୍ତା ମାଧ୍ୟମରେ ହାତ ଉଠାଇ ଓମ୍ କହି ପୁର୍ଣ୍ଣ ସହ ମତି ସହ ସହଯୋଗ ର ହାତ ବଢାଇବା ର ପ୍ରତିଶ୍ରୁତି ପ୍ରଦାନ କରି ଥିଲେ । ଏଥିରେ ୪ ଟି ଜିଲ୍ଲା ଗାୟତ୍ରୀ ପରିବାର ର ସମସ୍ତ ମୂଖ୍ୟ କାର୍ଯ୍ୟକର୍ତା ,ଟ୍ରଷ୍ଟି ଉପସ୍ତିତ ଥିଲେ । ଶେଷରେ ମୁନା ଭାଇ ସମସ୍ତ ଙ୍କ ଉପସ୍ଥିତି ଖାତା ରେ ଦସ୍ତଖତ କରାଇ ଧନ୍ୟ ବାଦ ସହ ଶାନ୍ତି ପାଠ, ପ୍ରସାଦ ସେବନ କରି କାର୍ଯ୍ୟକ୍ରମର ପରି ସମାପ୍ତି କରି ଥିଲେ

# ଜଙ୍ଗଲ ନିଆଁ ଲିଭାଇବା ନେଇ ନାଗରିକ ସଚେତନ କାର୍ଯ୍ୟକ୍ରମ

ନୂଆପଡା : ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟରେ ଜଙ୍ଗଲ ନିଆଁ ଲିଭାଇବା ନେଇ ନାଗରିକ ସଚେତନ କାର୍ଯ୍ୟକ୍ରମ, ବିଭିନ୍ନ ଉପାୟରେ ନିଆଁ ଲିଭାଇବା ପାଇଁ କର୍ମଚାରୀଙ୍କୁ ଆଜି ତାଲିମ ଦେଇ ଉପକରଣ ବଂଟନ କରିଛନ୍ତି । ଆଜି ଅଭୟାରଣ୍ୟରେ ଥିବା ସୁନାବେଡ଼ା ଗ୍ରାମ ରେ ସାପ୍ତାହିକ ବଜାର ଥିବାବେଳେ ଏହି ବଜାର ର ସୁବିଧା ନେଇ ପ୍ରଚାର ପାତ୍ର ବଂଟନ କରିଥିଲେ । ଏହି ବଜାରରେ ପାଖାପାଖି ଅଂଚାଳରୁ ୨୦ ଖଣ୍ଡ ଗ୍ରାମ ଲୋକ ଆସି ସଉଦା ନେଉଥିବା ବେଳେ ପଡୋଶୀ ଛତିଶଗଡ଼ ରାଜ୍ୟ ର ସୀମାନ୍ତ ଗ୍ରାମର ଲୋକ ଆସିଥାନ୍ତି । ତେଣୁ ଅଳ୍ପ ସମୟରେ ବହୁଳ ପ୍ରଚାର ସୁବିଧା ଉଠାଇ ୨୦୦୦ ପ୍ରଚାର ପତ୍ର ବଂଟନ କରିଥିଲେ । ସେହିପରି ବନ୍ୟ ପ୍ରାଣୀ ବିଭାଗ କାର୍ଯ୍ୟାଳୟ ଠାରେ ଅଗ୍ନି ଲିଭାଇବା କର୍ମଚାରୀ ମାନେ ଯୋଗ ଦେଇ ତାଙ୍କୁ ତାଲିମ ପ୍ରଦାନ କରିଥିଲେ । ଅଗ୍ନି ଲିଭାଇବା ବିଭିନ୍ନ ଉପକରଣ ବଂଟନ କରିଛନ୍ତି । ସେହି କର୍ମଚାରୀ ମାନେ ଆଜି ଅଭୟାରଣ୍ୟ ସଡ଼କ ଉଭୟ ପାର୍ଶ୍ୱରେ ଅଗ୍ନି ରେଖା ତିଆରି କରି ଥିବା ବେଳେ ଯନ୍ତ୍ର ସାହାର୍ଯ୍ୟରେ ନିଆଁ ଜଙ୍ଗଲରେ ନ ବ୍ୟାପିବା ପାଇଁ କାର୍ଯ୍ୟ କରିଥିଲେ । ଦାଥୁନାମା ବନ୍ୟପ୍ରାଣୀ ଫରେଷ୍ଟର ବିଶ୍ୱ ମୋହନ ପାଢୀ, ସୁନାବେଡ଼ା ବନ୍ୟପ୍ରାଣୀ ଫରେଷ୍ଟର ସଞ୍ଜୟ୍ ଠାକୁର ଏବଂ ୪୦ ଜଣ ବନ୍ କର୍ମଚାରୀ ଯୋଗ ଦେଇଥିଲେ ।

# ମାଲକାନଗିରି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନିର୍ବାଚନ ଅନୁଷ୍ଠିତ

ମାଲକାନଗିରି : ମାଲକାନଗିରି ସଦର ସ୍ଥିତ ଶିକ୍ଷକ ଭବନ ଠାରେ ମାଲକାନଗିରି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନିର୍ବାଚନ ନିମନ୍ତେ ସାମ୍ବିଧାନିକ ବୈଠକ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ କୁ ପରିଚାଳନା କରିବା ନିମନ୍ତେ ରାଜ୍ୟ ସଂଘର ଏ ୟୁ ପି ଟୀ ଏଫ୍ ଉପ ସଭାପତି ରଞ୍ଜିତ ନାୟକ ,ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ତାରକ ମଣ୍ଡଳ ସମ୍ପାଦକ ଦାମୋଦର ସାହୁ, ମାଥିଲି ବ୍ଲକ ସଭାପତି ଜୟରାମ ଭୂମିଆ ,ସମ୍ପାଦକ ସଂଜୟ ରାଇସିଂ, ଖଇରପୁଟ ବ୍ଲକ ସଂଘର ସମ୍ପାଦକ ହିମାଂଶୁ ଶେଖର ପାଢ଼ୀ, ଲକ୍ଷ୍ମୀ ରଥ ଓ ଜିଲ୍ଲା ସଂଘର କୋଷାଧକ୍ଷ ଚିତରଞ୍ଜନ ସରକାର ପ୍ରମୁଖ ଉପସ୍ଥିତ ହୋଇ ସଂଘ ପୁନର୍ଗଠନ କାର୍ଯ୍ୟ ସୁଚାରୁ ରୂପେ ସଂପାଦନ କରିଥିଲେ । ସହମତି ଭିତିରେ ସଭ୍ୟ ସଭ୍ୟା ଙ୍କୁ ନେଇ ମାଲକାନଗିରି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ରୂପେ ରାମ ପ୍ରସାଦ ପାଢ଼ୀ ପୁନଃ ମନୋନୀତ ହୋଇଥିଲେ । ଉପ ସଭାପତି ସପନ କୁମାର ମଣ୍ଡଳ ଓ ଶ୍ରୀମତୀ ବାସନ୍ତୀ ପୋଟଲା, ସମ୍ପାଦକ ରୁପେ ମନୋଜ କୁମାର ସେଡା, ସହ ସମ୍ପାଦକ ଉମାକାନ୍ତ ମୁଦୁଲି, ପବିତ୍ର ଖରାଇ, ସନ୍ତୋଷ ପ୍ରଧାନ ମନୋନ୍ନୀତ ହୋଇ ଥିଲେ । ସଂଘ କୋର୍ଡିନେଟର ରୂପେ ହରି ପିଡ଼ିଆମି ଓ କୋଷାଧକ୍ଷ ରୂପେ ଖଗେଶ୍ୱର ରାଉତ ମନୋନୀତ ହୋଇଥିଲେ । ସଭାଟିକୁ ସୁ ପରିଚାଳନା କରିବା ନିମନ୍ତେ ପୁର୍ଣ ଚନ୍ଦ୍ର ଖଣ୍ଡପାଣି ଓ ହରିବନ୍ଧୁ ବାଙ୍କିଆ ସହଯୋଗ କରି ସଙ୍ଘର ତାତ୍ପର୍ଯ୍ୟ ବିଷୟରେ ପ୍ରକାଶ କରି ଥିଲେ ସର୍ବଶେଷ ରେ ବରିଷ୍ଟ ଶିକ୍ଷକ ତଥା ଦୃଢ଼ ସଂଗଠକ ମନୋରଞ୍ଜନ ବେହେରା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରହ୍ମବରଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପୁରସ୍କାର ବିତରଣୀ ଉତ୍ସବ

ଧର୍ମଶାଳା : ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବାର୍ଷିକ କ୍ରୀଡ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ରାଜ କୁମାର ବାରିକ୍‌ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରସୁଲପୁର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଡ. ପ୍ରଭଞ୍ଜନ ପତି ଓ ସମ୍ମାନୀତ ଅତିଥିଭାବେ ବିଦ୍ୟା ମନ୍ଦିର ସଭାପତି ପଂଚାନନ ରାଉତ, ଉପସଭାପତି ମାଧବୀ ଲତା ରାଉତ, ସମ୍ପାଦକ ହେମନ୍ତ କୁମାର ସାହୁ ,ପୂର୍ବତନ ସଭାପତି ପ୍ରତାପ କେଶରୀ ଦେଓ ଓ କୋଷାଧ୍ୟକ୍ଷ ସନାତନ ମଣ୍ଡଳ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରମାନେ ଅଧିକରୁ ଅଧିକ ସଫଳତା ପାଇଁ ଗଳ୍ପ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଚଳିତ ବର୍ଷ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ସଫଳତା ପାଇଥିବା କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କ୍ରୀଡା ଶିକ୍ଷକ ଜ୍ଞାନ ରଂଜନ ପାଢୀ, ପ୍ରୀୟବ୍ରତ ପତି, ମନ୍ଦାକିନୀ ବେହେରା, ଲୋପାମୁଦ୍ରା ସାହୁ, ଚପଳା ସାହୁ, ସୁପ୍ରଭା ସାହୁ ଓ ଲୋପାମୁଦ୍ରା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ଆଇନଜିବୀଙ୍କ ମାତୃ ବିୟୋଗ

କୋରେଇ: କୋରେଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତ ରାଣୀଗୋଡା ଗ୍ରାମର ଆଇନଜିବୀ ନଟବର ପଣ୍ଡାଙ୍କ ମା ଲକ୍ଷ୍ମୀ ପଣ୍ଡାଙ୍କ (୯୮) କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥା ମୃତ୍ୟୁ ଘଟିଛି । ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡିତ ଥିଲେ । ସ୍ୱର୍ଗତା ଲକ୍ଷ୍ମୀ ଜଣେ ମିଷ୍ଟଭାଷୀ ସ୍ନେହୀ ଓ ଭଗବତ ଅନୁରାଗୀ ଧର୍ମପରାୟଣା ମହିଳା ଥିଲେ । କଥା ପଦପଦକେ ଶ୍ରୀମଦ ଭାଗବତ ଗୀତାର ପକ୍ତି ଉଚାରଣ କରୁଥିଲେ । ଅନ୍ତିମ ସମୟରେ ପୁତ୍ର , ନଟବର, ପୌତ୍ର ବାପୁ, ତପୁ, ଓ ପୁତ୍ରବଧୂ ମାନେ ଉପସ୍ଥିତ ଥିଲେ । ମାତାଙ୍କ ଶେଷ ଇଚ୍ଛା ଅନୁସାରେ ତାଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ କରାଯାଇଥିଲା ।

# ଭୁବନ ମହିଳା ମହାବିଦ୍ୟାଳୟରେ ଜାତୀୟ ସେମିନାର ଉଦ୍‌ଯାପିତ

ଭୁବନ : ଢେଙ୍କାନାଳ ଜିଲ୍ଲା ଭୁବନ ମହିଳା ମହାବିଦ୍ୟାଳୟରେ ରବିବାର ଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ଜାତୀୟ ସେମିନାର ସୋମବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି । ଅଧକ୍ଷ ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱ ଓ ରାଜନୀତି ବିଜ୍ଞାନ ମୁଖ୍ୟ ତଥା କାର୍ଯ୍ୟକ୍ରମ ଆବାହକ ଅଧ୍ୟାପିକା ଡଃ. ମମତା ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଡ଼ଃ. ପ୍ରଶାନ୍ତ ରାଉତ ମୁଖ୍ୟ ଅତିଥି ଓ ଅଖିଳ ଭାରତୀୟ ଜନଜାତି ପ୍ରମୁଖ ପ୍ରମୋଦ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନଜାତି ମହିଳା ମାନଙ୍କୁ ସଶକ୍ତିକରଣ ପାଇଁ ସମାଜର ପ୍ରତ୍ୟେକ ବର୍ଗ ଆଗେଇ ଆସିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧାପିକା ଡଃ. ପ୍ରମିଳା ଦାସ, ଡଃ. ନମିତା ଦାସ, ପ୍ରଣତୀ ବେହେରା, ହର୍ଷିତା ସ୍ୱାଇଁ, ଅଧାପକ ରାଜୀବ ବେହେରା, ସଙ୍ଗୀତ ନନ୍ଦ ପ୍ରମୁଖ ନିଜେ ନିଜର ସନ୍ଦର୍ଭ ପାଠ କରିବା ସହ ଆଲୋଚନା କରିଥିଲେ । ଶେଷରେ ଅଧାପକ ପ୍ରଶାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିଷ୍ଠ ନାଗରିକଙ୍କ ଯୋଗ ଶିବିର, ସ୍ୱାସ୍ଥ୍ୟ ଶିବିର ସହିତ ବିଭିନ୍ନ ବିଷୟବସ୍ତୁ ଉପରେ ସଚେତନତା ଶିବିର-୨୦୨୬ ଅନୁଷ୍ଠିତ

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଯୋଗ ଶିବିରରେ ଶହ ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଅଂଶ ଗ୍ରହଣ କରିଥିଲେ । ଯୋଗଗୁରୁ ମନୋଜ କୁମାର ପଣ୍ଡା ଓ ଦ୍ୱିତିକୃଷ୍ଣ ପଣ୍ଡା ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ତାପରେ ପୂର୍ବାହ୍ନ ୮.୩୦ ଘଟିକା ରୁ ୧୦.୩୦ ପର୍ଯ୍ୟନ୍ତ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ସୁବର୍ଣ୍ଣପୁର ଜିଲ୍ଲା ସମସ୍ତ ପଂଚାୟତ ସମିତିରୁ ଆସିଥିବା ବରିଷ୍ଠ ନାଗରିକମାନେ ଅଂଶ ଗ୍ରହଣ କରି ନିଜ ନିଜ ର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ସେମାନଙ୍କ ପାଇଁ ଆବଶ୍ୟକୀୟ ଔଷଧ ମଧ୍ୟ ସ୍ୱାସ୍ଥ୍ୟ ଶିବିରରେ ପ୍ରଦାନ କରା ଯାଇଥିଲା । ଏହା ଦ୍ୱାରା ବରିଷ୍ଠ ନାଗରିକ ମାନେ ସେମାନଙ୍କ ସ୍ୱାସ୍ଥ୍ୟ ସେବା ର ଲାଭ ପାଇଥିଲେ । ସଚେତନତା ଶିବିର-୨୦୨୬ ଅନୁଷ୍ଠିତ ହୋଇଯାଇଛି । ତାପରେ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସୁବର୍ଣ୍ଣପୁର ଜିଲ୍ଲାର ବରିଷ୍ଠ ନାଗରିକ ମାନଙ୍କୁ ବିଭିନ୍ନ ବିଷୟ ବସ୍ତୁ ଯଥା ସାଇବର ଅପରାଧ, ମୋବାଇଲ ଫୋନ ର ବ୍ୟବହାର, ସ୍ୱାସ୍ଥ୍ୟଗତ ସମସ୍ୟା, ପ୍ରତିଷେଧକ,ପ୍ରତିକାର ମୂଳକ ଓ ଚିକିତ୍ସା ବିଷୟରେ ସଚେତନତା ସଭା ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସଚେତନତା ସଭାରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଉଷାରଣୀ ଦାସ, ଉପଜିଲ୍ଲାପାଳ ସୋନପୁର ସୌମ୍ୟରୂପା ରଥ, ଡ଼ି.ଏସ.ପି. ଚନ୍ଦ୍ର ଶେଖର ଶବର, ଏଲ.ଡି.ଏମ କାର୍ତିକେଶ୍ୱର ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ, ଗୋବିନ୍ଦ ବଲ୍ଲଭ ଶଡଙ୍ଗୀ, ଡି.ଇ.ଜି.ଏମ, ଗୁପ୍ତେଶ୍ୱର ରାଣା, ବରିଷ୍ଠ ନାଗରିକ ସଂଗଠନ ସୋନପୁରର ଜ୍ୟୋତିରଞ୍ଜନ ବହିଦାର ଓ ଜିଲ୍ଲା ବରିଷ୍ଠ ନାଗରିକ ସମିତି ସଦସ୍ୟ ପ୍ରଫୁଲ୍ଲ କୁମାର ରଥ ମଂଚାସିନ ଥିଲେ । ଶିବିରରେ ଗୁପ୍ତେଶ୍ୱର ରାଣା ଡିଜିଟାଲ ସାକ୍ଷରତା, ସାଇବର ସୁରକ୍ଷା ଓ ଡିଜିଟାଲ ଗିରଫ ସମ୍ପର୍କରେ ସଚେତନତା କରିଥିଲେ । ଉଷାରଣୀ ଦାସ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବିମା ଯୋଜନା ଓ ବରିଷ୍ଠ ନାଗରିକ ମାନଙ୍କ ଦ୍ୱାରା ଆକ୍ରାନ୍ତ ହେଉଥିବା ବିଭିନ୍ନ ରୋଗ, ତାହାର ପ୍ରତିଷେଧକ ଓ ଚିକିତ୍ସା ବିଷୟରେ ଅବଗତ କରାଇଥିଲେ । ଏଲଡିଏମ କାର୍ତିକେଶ୍ୱର ପଣ୍ଡା ଆର୍ଥିକ ସାକ୍ଷରତା, ସଂଚୟ, ଅଧିକ ସୁଧ ନିବେଶର ଲୋଭରୁ ଦୂରେଇ ରହିବା, ଆର୍ଥିକ ଆନ୍ତର୍ଭୁକ୍ତିକରଣ, ପ୍ରଧାନ ମନ୍ତ୍ରୀ ଜନଧନ ଯୋଜନା ଓ ବିଭିନ୍ନ ସରକାରୀ ଆର୍ଥିକ ଯୋଜନା ସମ୍ପର୍କରେ କହିଥିଲେ । ଆର୍ଥିକ ଠକେଇ ହେଲେ ୧୯୩୦ ହେଲ୍ପଲାଇନ ରେ କଲ କରିବାକୁ ଡି.ଏସ୍.ପି ସୂଚନା ଦେଇ ଅବଗତ କରିଥିଲେ । ଜିଲ୍ଲାପାଳ ଡ଼. ସାହୁ ବରିଷ୍ଠ ନାଗରିକ ମାନଙ୍କୁ ନିଜ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାକୁ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ନିଜକୁ ନିଜେ ଭଲ ପାଇବା ପାଇଁ ପରାମର୍ଶ ଦେଇ ଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ମାନେ ନିଜ ନିଜର ବିଭିନ୍ନ ଅନୁଭୂତି ଏହି ସଚେତନତା ସଭାରେ ସମସ୍ତଙ୍କ ଅବଗତି ନିମନ୍ତେ ପ୍ରକାଶ କରିଥିଲେ । ଏହି ଶିବିର ଆୟୋଜନ ସମୟରେ ବିଭିନ୍ନ ସମ୍ବାଦପତ୍ର ଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ କର୍ମଚାରୀ ମାନେ ସହଯୋଗ କରିଥିଲେ । ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନ ୩.୦୦ ଘଟିକରେ ଏହି ଶିବିର କୁ ସମାପ୍ତି କରାଯାଇଥିଲା ।

# ଭାରତୀୟ ଜ୍ଞାନ ପରମ୍ପରା ଆଧାରିତ ଜାତୀୟ ସମ୍ମାନ ଉଦ୍‌ଯାପିତ

ଜୟପୁର: ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଶିକ୍ଷା ଓ ଶିକ୍ଷକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଦୁଇ ଦିବସୀୟ ଜାତୀୟ ସମ୍ମାନ ଉଦଯାପିତ ହୋଇଯାଇଛି । ମାର୍ଚ୍ଚ ୧ ଓ ୨ ତାରିଖରେ ଆୟୋଜିତ ଏହି ସମ୍ମାନର ଉଦଘାଟନୀ ସତ୍ରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଉଦ୍ଘାଟନ କରିଥିବାବେଳେ ଓଡ଼ିଶା ବିଦ୍ୟାଳୟ ପାଠ୍ୟକ୍ରମ ଆଧାର ୨୦୨୬ର ଅଧକ୍ଷ ତଥା ଘଉରଜଞ୍ଜର ପ୍ରାକ୍ତନ ପ୍ରଫେସର ଡଃ ନିତ୍ୟାନନ୍ଦ ପ୍ରଧାନ ମୁଖ୍ୟ ଅତିଥି, ଓଡ଼ିଶା କୈନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ତଥା ପ୍ରଫେସର ଭରତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସେମିନାରର ଆବାହାକ ତଥା ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦର ଅଧକ୍ଷ ଡ ପ୍ରଶାନ୍ତ କୁମାର ପାତ୍ର ଓ ସେମିନାରର ସମ୍ପାଦକ ତଥା ଶିକ୍ଷା ବିଭାଗର ମୁଖ୍ୟ ଡଃ ମନୋରଞ୍ଜନ ପ୍ରଧାନ ମଂଚାସୀନ ଥିଲେ । ପ୍ରଦୀପ ପ୍ରଜ୍ୱଳନ, ସ୍ୱାଗତ ସଙ୍ଗୀତ ଓ ଅତିଥି ପରିଚୟ ପରେ ମଂଚାସୀନ ଅତିଥିମାନେ ଭାରତୀୟ ଜ୍ଞାନ ପରମ୍ପରା ଉପରେ ବ୍ୟାପକ ଆଲୋଚନା କରିଥିଲେ । ପ୍ରଫେସର ପଣ୍ଡା ଭାରତୀୟ ଜ୍ଞାନ ପରମ୍ପରାର ବିଭିନ୍ନ ଦିଗ ପ୍ରତି ବିଶେଷ ଆଲୋକପାତ କରିବା ସହ ଆମ ଜ୍ଞାନ ପରମ୍ପରାକୁ ଜାଣି, ବୁଝି ସଗର୍ବେ ପ୍ରୟୋଗ, ପ୍ରଚାର ଓ ପ୍ରସାର ପାଇଁ ଆହ୍ୱାନ ଦେଇଥିଲେ । ପ୍ରଥମ ଦିନ ତିନୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ସନ୍ଧ୍ୟା ବେଳେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଏକ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶେଷକରି ବିଭାଗୀୟ ଗୁରୁ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାଚୀର ପତ୍ର କୁନ୍ଦକଳିକା, ଚିତ୍ରଫର୍ଦ୍ଦ କଳା ମଞ୍ଜରୀ,ସୃଜନୀକା ଓ ପାଠ୍ୟ ସାମଗ୍ରୀ ପ୍ରଦର୍ଶନୀ ମନୋରମ ଓ ଶିକ୍ଷଣୀୟ ଥିଲା । ସମ୍ମାନର ଦ୍ୱିତୀୟ ଦିବସରେ ଦୁଇଟି ବୈଷୟିକ ଅଧିବେଶନ ସହ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ସମାରୋହରେ ମୁଖ୍ୟ ଅତିଥି ଭାବରେ କୁଳପତି, ସ୍ନାତକୋତର ପରିଷଦର ଅଧକ୍ଷ, ଶିକ୍ଷା ବିଭାଗର ମୁଖ୍ୟ ସହ କୁଳସଚିବ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ସ୍ୱତନ୍ତ୍ର ଅତିଥି ଓ ସମ୍ବଲପୁରସ୍ଥିତ ପର୍ଶୁରାମ ମିଶ୍ର ଉଚ୍ଚତର ଅଧ୍ୟୟନ ପ୍ରତିଷ୍ଠାନ ପ୍ରାକ୍ତନ ଅଧକ୍ଷ ତଥା ବରିଷ୍ଠ ପ୍ରଫେସର ଡଃ ଦିବାକର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରାକୁ ଯୁବପିଢି କିଭଳି ଜାଣିପାରି ନିଜ ବ୍ୟକ୍ତିଗତ ଜୀବନ ଓ ରାଷ୍ଟ୍ରୀୟ ଉନ୍ନତରେ ଉପଯୋଗ କରିପାରିବେ ମତବ୍ୟକ୍ତ କରିଥିଲେ । ସୂଚନାଯୋଗ୍ୟ କି ଜାତୀୟ ସମ୍ମାନରେ ଦେଶର ୧୦ ରାଜ୍ୟ (ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ଉତର ପ୍ରଦେଶ, ପଞ୍ଜାବ, ହିମାଚଳପ୍ରଦେଶ, ହରିଆନା, ରାଜସ୍ଥାନ, ତ୍ରିପୁରା, ଗୁଜୁରାଟ,ଆଦି )ରୁ ୫୨ଟି ଗବେଷଣାଧର୍ମୀ ସନ୍ଦର୍ଭ ଉଭୟ ପ୍ରତ୍ୟକ୍ଷ ଓ ଆଭାସି ଭାବରେ ଉପସ୍ଥାପନ ହୋଇଥିଲା । ଅଧିବେଶନ ଗୁଡିକରେ ଅଧକ୍ଷ ଓ ବକ୍ତା ଭାବରେ କୋରାପୁଟ ଇଗ୍ନୁର ଆଂଚଳିକ ନିର୍ଦ୍ଦେଶିକ ଡ଼ ଲତିକା ମିଶ୍ର, ରମାଦେବୀ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡଃ ସସ୍ମିତା କର, ବିହାରସ୍ଥିତ ମୌଲାନା ଆଜାଦ୍ ଜାତୀୟ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ଆଦାମ ପାଉଲ୍ ପଟେଟି, ଭଞ୍ଜନଗର ବିଏଡ କଲେଜର ଅଧକ୍ଷ ଡଃ ଦିଲ୍ଲୀପ କୁମାର ଖୁଂଟିଆ, ବିଳାସପୁର ଗୁରୁ ଘାସିଦାସ କୈନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ସମ୍ବିତ୍ ପାଢ଼ୀ, ବ୍ରହ୍ମପୁର ଶଶିଭୂଷଣ ରଥ ମହାବିଦ୍ୟାଳୟର ପ୍ରଫେସର ଡଃ ଡକ୍ଟର ପ୍ରଦୀପ କୁମାର ମିଶ୍ର, ସମ୍ବଲପୁରର ପର୍ଶୁରାମ ମିଶ୍ର ଉଚ୍ଚତର ଅଧ୍ୟୟନ ପ୍ରତିଷ୍ଠାନ ଡ଼ ବିଶ୍ୱେଶ୍ୱରୀ ସାହୁ, ହିମାଚଳ ପ୍ରଦେଶ କୈନ୍ଦ୍ରିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ଲଳିତ ମୋହନ ଶର୍ମା, ଭୁବନେଶ୍ୱର ବିଜେବି କଲେଜର ଡ଼ ଆଶୁତୋଷ ମଲ୍ଲିକ, କୋରାପୁଟ ସରକାରୀ ଡିଏଭି କଲେଜର ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଶ୍ରୀ କୋବିନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ମାନକୁ ସଫଳ କରିବା ଦିଗରେ ଶିକ୍ଷା ଓ ଶିକ୍ଷକ ଶିକ୍ଷା ବିଭାଗର ସମସ୍ତ ସହକାରୀ ପ୍ରଫେସର, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଗୁରୁ ଛାତ୍ର ଛାତ୍ରୀମାନଙ୍କ ପ୍ରବଳ ପରିଶ୍ରମ, ପ୍ରଚେଷ୍ଟା ଓ ପ୍ରଶଂସନୀୟ ନିଷ୍ଠାକୁ ଶିକ୍ଷାବିତ୍ ମାନେ ପ୍ରଶଂସା କରିବା ସହ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ଶିକ୍ଷକ ଶିକ୍ଷା ବିଭାଗ ରାଜ୍ୟ ପାଇଁ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ । ସମସ୍ତ ଅତିଥି ଓ ବକ୍ତାମାନଙ୍କୁ ପୁଷ୍ପ ଗଛ, ଉପଢୌକନ, ସ୍ମୃତି ଫଳକ ଓ ମାନପତ୍ର ସହ ସମ୍ମାନିତ କରାଯାଇଥିଲା ।

# ଜନସ୍ୱାସ୍ଥ୍ୟର ସୁଦୃଢ଼ିକରଣ: ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ଯୋଗାଉଛି ଜନଔଷଧି ପରିଯୋଜନା

ଗୋଟିଏ ରାଷ୍ଟ୍ରର ବାସ୍ତବ ପ୍ରଗତି ସେତେବେଳେ ହିଁ ପ୍ରତିଫଳିତ ହୁଏ, ଯେତେବେଳେ ତାହାର ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତା ସହଜ ଏବଂ ସୁଲଭ ହୋଇପାରେ । ଦଶନ୍ଧି ଦଶନ୍ଧି ଧରି ଔଷଧର ଉଚ୍ଚ ମୂଲ୍ୟ ଭାରତର ଅନେକ ପରିବାର ପାଇଁ ଏକ ଗଭୀର ଆର୍ଥିକ ପ୍ରତିବନ୍ଧକ ରୂପେ ରହିଆସିଥିଲା । ଏହାର ପରିଣାମ ସ୍ୱରୂପ କୋଟି କୋଟି ଲୋକ ଆବଶ୍ୟକୀୟ ଚିକିତ୍ସା ଏବଂ ଔଷଧ ପ୍ରାପ୍ତିରେ ସମସ୍ୟାର ସମ୍ମୁଖୀନ ହେଉଥିଲେ, ଯାହା ସ୍ୱାସ୍ଥ୍ୟ ସେବାରେ ଗଭୀର ବୈଷମ୍ୟକୁ ଉଜାଗର କରିଥିଲା । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନା (ପିଏମ୍ ବିଜେପି) ଭଳି ଏକ ଉପକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଆରମ୍ଭ କରିଥିଲେ । ଏହା ମାଧ୍ୟମରେ ଗୁଣାତ୍ମକ ମାନଯୁକ୍ତ ଜେନେରିକ ଔଷଧମାନ ଅତି କମ୍ ମୂଲ୍ୟରେ ଲୋକମାନଙ୍କୁ ଯୋଗାଇ ଦିଆଯାଇ ଆସୁଛି । ଏହିସବୁ ଔଷଧ ସେମାନଙ୍କର ବ୍ରାଣ୍ଡେଡ ପ୍ରତିପକ୍ଷ ଔଷଧ ତୁଳନାରେ ବେଶ୍ ଶସ୍ତା । ଏହାଦ୍ୱାରା ଜନସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଥିବା ଜଟିଳ ବୈଷମ୍ୟକୁ ବ୍ୟାପକ ମାତ୍ରାରେ ଏବଂ ସୁବ୍ୟବସ୍ଥିତ ଭାବେ ପରିବର୍ତ୍ତନ କରାଯିବା ସମ୍ଭବପର ହୋଇପାରିଛି । ସମଗ୍ର ବିଶ୍ୱରେ ଜେନେରିକ ଔଷଧ ହେଉଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପଲବ୍ଧତା କରାଇବା କ୍ଷେତ୍ରରେ ମୂଳ ଆଧାର । ଏହା ବିଶ୍ୱବ୍ୟାପୀ ପ୍ରେସ୍କ୍ରିପସନରେ ଲେଖାଯାଉଥିବା ମୋଟ ଔଷଧର ୮୦-୯୦ ପ୍ରତିଶତ ହୋଇଥାଏ ଏବଂ ତାହା ଅତ୍ୟାବଶ୍ୟକ ଔଷଧ କ୍ଷେତ୍ର ଉପଲବ୍ଧତା ପରିବେଶକୁ ସମ୍ପ୍ରସାରିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଜେନେରିକ ଔଷଧ ଏହାର ପ୍ୟାକେଜିଂ, ଲେବଲିଂ ଏବଂ ତୁଳନାତ୍ମକ ଭାବେ ଅଧିକ ସକ୍ରିୟ ସାଧନ ଦୃଷ୍ଟିରୁ ଭିନ୍ନ ହୋଇପାରେ, କିନ୍ତୁ ବିଭିନ୍ନ ପ୍ରକାର ଗବେଷଣା ଏହା ସୂଚାଇଛି ଯେ, ଏ ପ୍ରକାର ବୈଷମ୍ୟ ରୋଗୀକୁ ଉପଶମତା ପ୍ରଦାନ କରିବା କ୍ଷେତ୍ରରେ କୌଣସି ପ୍ରକାରେ ଊଣା କରିନଥାଏ । ଏସବୁ ଔଷଧ ବ୍ରାଣ୍ଡ ନାମ ଥିବା ଔଷଧ ସହ ସମତୂଲ୍ୟ । ସେହିଭଳି ଏହାର ଡୋଜ୍, ନିରାପତା, ସାମର୍ଥ୍ୟ, ଗୁଣ ଏବଂ ଉଦ୍ଦିଷ୍ଟ ବ୍ୟବହାର ମଧ୍ୟ ସମାନ । ଏହିସବୁ ଔଷଧ ସମାନ ଭାବେ ଜଟିଳ ଉତ୍ପାଦନ ପଦ୍ଧତି ଏବଂ ଗୁଣାତ୍ମକ ମାନ ମଧ୍ୟ ଦେଇ ଉତ୍ପାଦିତ ହୋଇଥାଏ । ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା କେବଳ ଖୁଚୁରା ଔଷଧ ବିକ୍ରୟ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଢାଂଚାଗତ ସାମର୍ଥ୍ୟକୁ ମଧ୍ୟ ପ୍ରତିନିଧିତ୍ୱ କରେ । ଚଳିତବର୍ଷ ଜନଔଷଧି ସପ୍ତାହର ଶୀର୍ଷକ – "ଜନଔଷଧି ଶସ୍ତା ମଧ୍ୟ, ନିର୍ଭରଯୋଗ୍ୟ ମଧ୍ୟ, ସ୍ୱାସ୍ଥ୍ୟକର ଏବଂ ସଂଚୟ ଯୁକ୍ତ"ରୁ ସଠିକ ଭାବେ ପ୍ରତିଫଳିତ ହୁଏ । ଏଥିରୁ କୋଟି କୋଟି ହିତଧାରକ ଯେଉଁଭଳି ଭାବେ ଉପକୃତ ହୋଇ ଆସୁଛନ୍ତି, ସେଥିରୁ ଏହି ଧ୍ୱନି ପ୍ରତିଧ୍ୱନିତ ହେଉଛି । ସାରା ଦେଶରେ ୧୮ ହଜାରରୁ ଅଧିକ ଜନଔଷଧି କେନ୍ଦ୍ର ବର୍ତ୍ତମାନ କାର୍ଯ୍ୟ କରୁଛି ଏବଂ ଏହାର କାର୍ଯ୍ୟ ପରିସର ନିରବଚ୍ଛିନ୍ନ ଭାବେ ବ୍ୟାପକ ହୋଇ ଚାଲିଛି । ଏହି ଯୋଜନା ସୁନିଶ୍ଚିତ କରିଛି ଯେ ହିତଧାରକମାନଙ୍କୁ ବଜାର ମୂଲ୍ୟଠାରୁ ୫୦ ପ୍ରତିଶତରୁ ୮୦ ପ୍ରତିଶତ କମ୍ ମୂଲ୍ୟରେ ଗୁଣାତ୍ମକ ମାନଯୁକ୍ତ ଔଷଧ ଉପଲବ୍ଧ କରାଯିବ । ଏହା ଫଳରେ ସାମାଜିକ, ଆର୍ଥିକ ଦୁର୍ବଳ ପୃଷ୍ଠଭୂମିରେ ବସବାସ କରୁଥିବା ପରିବାରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ପ୍ରାପ୍ତ ହୋଇ ପାରିବ । କ୍ଷେତ୍ରରେ କରାଯାଇ ଥିବା ସର୍ଭେ ସର୍ଭେରୁ ଜଣାପଡିଛି ଯେ ହିତାଧିକାରୀମାନେ ଖର୍ଚ୍ଚ ସଂଚୟ ଏବଂ ଔଷଧର ଉନ୍ନତ ଉପଲବ୍ଧତାକୁ ପ୍ରଶଂସା କରି ଆସୁଛନ୍ତି । ଏହି ଯୋଜନାର ମାତ୍ରା ଔଷଧର ମୋଟ ପରିମାଣରୁ ମଧ୍ୟ ପ୍ରତିଫଳିତ ହୁଏ । ଜନଔଷଧିର ବ୍ୟାପକ ଭଣ୍ଡାରରେ ବର୍ତ୍ତମାନ ୨,୧୧୦ ପ୍ରକାରର ଔଷଧ ଏବଂ ୩୧୫ ପ୍ରକାରର ଅସ୍ତ୍ରୋପଚାର ଉତ୍ପାଦ ରହିଛି । ଏଥିରେ ୨୯ ପ୍ରକାର ଭିନ୍ନ ଭିନ୍ନ ଉପଶମ କ୍ଷେତ୍ର ମଧ୍ୟ ରହିଛି । ଫାର୍ମାସ୍ୟୁଟିକାଲ ଏବଂ ମେଡ଼ିକାଲ ଡିଭାଇସ ବ୍ୟୁରେ ଅଫ ଇଣ୍ଡିଆ (ପିଏମବିଆଇ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ନେତୃତ୍ୱରେ ଏଭଳି ଔଷଧ ଉତ୍ପାଦନ ଏବଂ ବିତରଣ କାର୍ଯ୍ୟ କରୁଛି । ଏହାର ସକ୍ରିୟ ତଥା ଡାଟାରେ ପ୍ରେରିତ ପ୍ରକ୍ରିୟାରେ ବଜାର ବିଶ୍ଳେଷଣ, ହିତଧାରକମାନଙ୍କ ମତାମତ ଏବଂ ଏକ ଉତ୍ସର୍ଗୀକୃତ ବିଶେଷଜ୍ଞ କମିଟି ଦ୍ୱାରା ଅତି କଠୋର ଯାଂଚ ବ୍ୟବସ୍ଥା ମଧ୍ୟରେ ସବୁଗୁଡ଼ିକ ଔଷଧର ମାନ ନିର୍ଦ୍ଧାରିତ କରାଯାଉଛି । ଏହା ଫଳରେ ଏହି ଯୋଜନା ସୁନିଶ୍ଚିତ କରିଛି ଯେ ରାଷ୍ଟ୍ରର ସ୍ୱାସ୍ଥ୍ୟ ସେବା ଆବଶ୍ୟକତା ଏବଂ ଔଷଧ ଚାହିଦା ମଧ୍ୟରେ ଉପଯୁକ୍ତ ସନ୍ତୁଳନ ରକ୍ଷା କରାଯ । ଭାରତୀୟ ଫାର୍ମାସ୍ୟୁଟିକାଲ କମ୍ପାନୀମାନଙ୍କ ଉପରେ ମଜବୁତ ନିୟନ୍ତ୍ରଣ ବ୍ୟବସ୍ଥା ରହିଥିବା ଯୋଗୁଁ ବର୍ତ୍ତମାନ ଏହିସବୁ କମ୍ପାନୀମାନେ ଉତ୍ପାଦନ କରୁଥିବା ଔଷଧ ବିଶ୍ୱର ୨୦୦ରୁ ଅଧିକ ରାଷ୍ଟ୍ରକୁ ଯୋଗାଣ କରାଯାଉଛି । ସେଥି ମଧ୍ୟରେ ଅତି ଉଚ୍ଚମାନର ନିୟନ୍ତ୍ରଣ ବଜାର ଯଥା- ଆମେରିକା, ବ୍ରିଟେନ ଏବଂ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରମାନେ ରହିଛନ୍ତି । ଭାରତୀୟ ଫାର୍ମାସ୍ୟୁଟିକାଲ କମ୍ପାନୀମାନେ ବର୍ତ୍ତମାନ ନୂଆକରି ମୁଣ୍ଡ ଟେକୁଥିବା ଲାର୍ଟିନ ଆମେରିକା, ଆଫ୍ରିକା ଏବଂ ପୂର୍ବ ୟୁରୋପୀୟ ରାଷ୍ଟ୍ର ବଜାରରେ ସେମାନଙ୍କ ପ୍ରବେଶ ଏବଂ ବିସ୍ତାରଣ ଜାରି ରଖିଛନ୍ତି । ଏହି ଶିଳ୍ପ ବାୟୋ ସିମିଲାର, ବାୟୋଲୋଜିକ ଔଷଧର ଜେନେରିକ ବିକଳ୍ପ ମାନଙ୍କ ଉପରେ ଅଧିକ ଧ୍ୟାନ ଦେଉଥିବା ସହିତ ଗବେଷଣା ଓ ବିକାଶ ଉପରେ ଅଧିକ ପୁଞ୍ଜିନିବେଶ କରାଯାଉଛି । ଏହା ଫଳରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଜେନେରିକ ଔଷଧ ଏବଂ ବିଶେଷ ଡ୍ରଗ୍ ମାନ ଉତ୍ପାଦନ କରାଯାଇପାରୁଛି । ଏଭଳି ଭବିଷ୍ୟ ଅଭିମୁଖୀ ପଦକ୍ଷେପ ଗ୍ରହଣ ଭାରତକୁ କେବଳ ବୈଶ୍ୱିକ ଉତ୍ପାଦନ ହବ୍ ଭାବେ ସୁପ୍ରତିଷ୍ଠିତ କରିନାହିଁ, ଅପରପକ୍ଷେ ସୁଲଭ ମୂଲ୍ୟର ଔଷଧ ଉତ୍ପାଦନ କ୍ଷେତ୍ରରେ ଭବିଷ୍ୟତର ନବାଚାରରେ ଏକ ନେତା ଭାବେ ଉଭା କରିଛି । ଗୁଣାତ୍ମକମାନ ବନାମ ମୂଲ୍ୟ ସମ୍ପର୍କରେ ହେଉଥିବା ବିତର୍କ ବେଳେବେଳେ ଜନସାଧାରଣଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିଥାଏ । ସେଥିପାଇଁ ପିଏମ୍ ବିଜେପି ସଫଳତାର ସହିତ ଏଭଳି ଭ୍ରାନ୍ତ ଧାରଣାକୁ ଦୂର କରିବାରେ ସକ୍ଷମ ହୋଇଛି । ସୁଲଭ ମୂଲ୍ୟର ଔଷଧ ଯୋଗାଣର ଅର୍ଥ ଗୁଣାତ୍ମକ ମାନରେ କୌଣସି ପ୍ରକାର ସାଲିସ କରିବା ନୁହେଁ । ତେଣୁ ଏହାର ଉତ୍ପାଦନମାନଙ୍କୁ ବିବିଧ ପର୍ଯ୍ୟାୟରେ ଗୁଣାତ୍ମକ ସୁନିଶ୍ଚିତତା ଢାଂଚା ଦ୍ୱାରା ସୁରକ୍ଷିତ ରଖାଯାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ- ଜିଏମପି ପ୍ରମାଣନ ଉତ୍ପାଦନକାରୀମାନଙ୍କ ଦ୍ୱାରା ଏହିସବୁ ଔଷଧମାନ ସଂଗ୍ରହ କରାଯାଉଛି । ଯାହାକି ବୈଶ୍ୱିକ ଉତ୍ପାଦନ ମାନକୁ ଅନୁପାଳନ କରିବା ଦିଗରେ ସୁନିଶ୍ଚିତତା ଯୋଗାଇଛି । ଏହି ପ୍ରୋଟୋକଲ ସୂଚିତ କରେ ଯେ ଉତ୍ପାଦନ କରାଯାଉଥିବା ପ୍ରତି ବ୍ୟାଚର ଔଷଧ ଏକ କଠୋର ପ୍ରମାଣନ ମାଧ୍ୟମ ଦେଇ ଯିବାକୁ ପଡ଼ିବ । ଏହି ପ୍ରମାଣନ ରାଷ୍ଟ୍ରୀୟ ପରୀକ୍ଷଣ ଏବଂ କାଲିବ୍ରେସନ ବିଜ୍ଞାନାଗାର ଆକ୍ରିଡେସନ ବୋର୍ଡ (ଏନଏବିଏଲ) ଦ୍ୱାରା ସ୍ୱୀକୃତି ପ୍ରାପ୍ତ ପରୀକ୍ଷାଗାରରେ କରାଯିବ । ଦୋକାନୀମାନଙ୍କ ଔଷଧ ଥାକରେ ଏଭଳି ଔଷଧ ପହଂଚିବା ପୂର୍ବରୁ ଏହି ପରୀକ୍ଷା କରାଯାଇଥାଏ । ଏହିସବୁ ଔଷଧଗୁଡ଼ିକ ଔଷଧ ଓ ପ୍ରସାଧନ ଆଇନ ୧୯୪୦ରେ ଥିବା ବ୍ୟବସ୍ଥାକୁ ଅନୁପାଳନ କରେ ଏବଂ ନିରାପତା ଓ ସକ୍ରିୟତା ମାନକୁ ମଧ୍ୟ ବ୍ରାଣ୍ଡଯୁକ୍ତ ବିକଳ୍ପ ସହିତ ସମତୁଲ୍ୟ କରାଏ । ଏଭଳି ଗୁଣାତ୍ମକ ଯାତ୍ରା ମଧ୍ୟରେ ପ୍ରାକ୍ ଆହରଣ ଅଡିଟ୍ ଏବଂ ଆହରଣ ପରବର୍ତ୍ତୀ ପରୀକ୍ଷାଗାର ଟେଷ୍ଟିଂକୁ ଅତି ଶୃଙ୍ଖଳିତ ଭାବେ ସମ୍ପାଦନ କରାଯାଇଥାଏ । ପିଏମ୍ବିଆଇ ଯାହାକି ଏହି ପରିଯୋଜନା ପାଇଁ ପ୍ରବର୍ତ୍ତନ ଏଜେନ୍ସି ତଥା ନିୟାମକ ମନିଟର ଓ ଔଷଧର ଗୁଣାତ୍ମକ ମାନକୁ ଅଡିଟ କରେ, ତାହା ପ୍ରତିଷ୍ଠିତ ନିୟମାବଳୀକୁ କୌଣସି ପରିସ୍ଥିତିରେ ସୁଦ୍ଧା ବିଚ୍ୟୁତ କରେ ନାହିଁ । ଏକ ଆଇଟି ସମର୍ଥିତ ବିତରଣ ନେଟୱର୍କ, ଯାହାକି ପାଂଚଗୋଟି ଅତ୍ୟାଧୁନିକ ଓୟାର ହାଉସ ଏବଂ ୪୧ ଗୋଟି ବିଶେଷ ଅଭିଜ୍ଞତା ଯୁକ୍ତ ବିତରକମାନଙ୍କ ଦ୍ୱାରା ସାରା ଦେଶରେ ବିତରଣ କରାଯାଉଛି । ଏହା ସୁନିଶ୍ଚିତ କରିଛି ଯେ, ଯୋଗାଣ ଶୃଙ୍ଖଳକୁ ସର୍ବଦା ସହନଶୀଳ ରଖାଯିବ ଏବଂ ଏଥିରେ କୌଣସି ପ୍ରକାର ବିଚ୍ୟୁତି ଘଟିବ ନାହିଁ । ଉପଲବ୍ଧତା, ଗୁଣାତ୍ମକ ମାନ ଏବଂ ସୁଲଭତା ଭଳି ତିନୋଟି ସ୍ତମ୍ଭ ଉପରେ ଏହି ପ୍ରଧାନମନ୍ତ୍ରୀ ଜନଔଷଧି ପରିଯୋଜନା ବିଶେଷ ଧ୍ୟାନ ଦିଏ । ଏହା ଫଳରେ ଦେଶର କୋଟି କୋଟି ଲୋକଙ୍କ ଚିକିତ୍ସା ଖର୍ଚ୍ଚ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇପାରିଛି । ନିରବଚ୍ଛିନ୍ନ ଭାବେ ଆନୁଷ୍ଠାନିକ ସହାୟତା, କ୍ରମବର୍ଦ୍ଧିଷ୍ଣୁ ଜନସଚେତନା ଏବଂ ସୁଦୃଢ଼ ସଂସାଧନ ସମ୍ପ୍ରସାରଣ ଜରିଆରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଜନଔଷଧି କେନ୍ଦ୍ରକୁ ଏହାର ମୂଳ ଉଦ୍ଦେଶ୍ୟ ସାକାର କରିବାରେ ସହାୟକ ହୋଇପାରିଛି । ବର୍ତ୍ତମାନ ଏହା ଏକ ସୁଦୂରରେ ଦୃଶ୍ୟମାନ କଳ୍ପନା ନୁହେଁ ବରଂ ହାତ ପାଆନ୍ତାରେ ଉପଲବ୍ଧ ଏକ ବାସ୍ତବତା ଅଟେ । ବିକଶିତ ଭାରତ ୨୦୪୭ର ପରିକଳ୍ପନା ହେଉଛି ଏକ ମଜବୁତ, ସୁସଂହତ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା । ଏଥିମଧ୍ୟରେ ଉତ୍ତମ ଚିକିତ୍ସାଳୟ, କମ୍ ଚିକିତ୍ସା ଖର୍ଚ୍ଚ, ସହଜରେ ଗୁଣାତ୍ମକ ଚିକିତ୍ସାର ଉପଲବ୍ଧତା ଏବଂ ସୁଲଭ ମୂଲ୍ୟରେ ଔଷଧ ମିଳିବା ଆଦି ସାମିଲ । ବିବିଧ ସ୍ତରୀୟ ସହଯୋଗ ଯୋଗୁଁ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଏହାକୁ ଏକ ଉତମ ଆନୁଷ୍ଠାନିକ ବ୍ୟବସ୍ଥାରେ ପରିଣତ କରିଛି । ଏହାଫଳରେ ସ୍ୱାସ୍ଥ୍ୟସେବା ଉଭୟ ଉଚ୍ଚ ଗୁଣାତ୍ମକମାନର ଏବଂ ସମସ୍ତଙ୍କ ପାଇଁ ସହଜଲବ୍ଧ ହୋଇପାରିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ଏହି ପରିଯୋଜନାକୁ ଜାରି ରଖିବା ନିମନ୍ତେ ପ୍ରତିବଦ୍ଧ । ଦିନକୁ ଦିନ ବୃଦ୍ଧି ପାଉଥିବା ଏହାର ଲୋକପ୍ରିୟତା ଓ ପ୍ରଗତି ଫଳରେ ଏହା ବର୍ତ୍ତମାନ ସୁଲଭ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବୈଶ୍ୱିକ ମଡେଲରେ ପରିଣତ ହୋଇଛି ।

***(ଲେଖକ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ରସାୟନ ଓ ସାର ମନ୍ତ୍ରୀ)***



ଶ୍ରୀ ଜଗତ ପ୍ରକାଶ ନଡ୍ଡା

# ଇରାନ ଉପରେ ଆମେରିକାର ଆକ୍ରମଣ ବିରୁଦ୍ଧରେ ସିପିଆଇର ବିକ୍ଷୋଭ

କଟକ(ନିପ୍ର) : ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ବିରୁଦ୍ଧରେ ଓ ଭାରତ ସରକାରଙ୍କ ଆକ୍ରମଣକୁ ନିନ୍ଦା ନକରି ନୀରବ ରହିବାର ପ୍ରତିବାଦରେ ଓ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଦାବିରେ ଆଜି କଟକର କଚେରି ଗଡା ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା । ଏକ ସାର୍ବଭୌମ ରାଷ୍ଟ୍ର ଉପରେ ହଠାତ୍ ଆକ୍ରମଣ ଏବଂ ଏହାର ରାଷ୍ଟ୍ରମୂଖ୍ୟ ଓ ତାଙ୍କ ପରିବାରକୁ ହତ୍ୟା କରିବା, ବିଦ୍ୟାଳୟ ଉପରେ ଆକ୍ରମଣକରି ନିରୀହ ଛାତ୍ର ଛାତ୍ରୀ ମାନଙ୍କୁ ହତ୍ୟା କରିବା ସହ ସମଗ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଥିବା ଆମେରିକା ଓ ଇସ୍ରାଏଲକୁ ନିନ୍ଦା ନକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାରାନ୍ତରେ ଆକ୍ରମଣ ରସମର୍ଥନର ନିନ୍ଦା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ କମ୍ୟୁନିଷ୍ଟ ନେତା ଅମରେନ୍ଦୁ ମହାନ୍ତି, ଶ୍ରମିକ ନେତା କିଶୋର ଜେନା, ନଗର ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର, ଜିଲା ସହ ସମ୍ପାଦକ ଉଦୟ କେଶରୀ ବର୍ମା ନାରୀନେତ୍ରୀ କୃଷ୍ଣ ପ୍ରିୟା ମିଶ୍ର, ଇପ୍ଟାର ସମ୍ପାଦକ ସୁଶାନ୍ତ ମହାପାତ୍ର, ଇସକଫର ସମ୍ପାଦକ ସଞ୍ଜୟ ପରିଜା, ବ୍ୟାଙ୍କ କର୍ମଚାରୀ ନେତା ବିପିନ ପାଢ଼ୀ, ଅଶୋକ ତାହା, କୁଳମଣି ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସିଂ, ଭ୍ରମର ସାହୁ, ମିହିର ବିଶ୍ୱାଳ, ତପନ ମିଶ୍ର, ନୈନା ଦେହୁରୀ, ଭାବଗ୍ରାହୀ ଦାସ, ରାଜକିଶୋର ସାହୁ, ପ୍ରଭାତ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଭାରତ ତଥା ବିଶ୍ୱର ଶାନ୍ତିକାମୀ ଜନସାଧାରଣ ଏହି ଯୁଦ୍ଧର ଅବସାନ ପାଇଁ ଗଣ ଆନ୍ଦୋଳନ ଗଢିତୋଳିବା ପାଇଁ ଅହ୍ୱାନ ଦେଇଥିଲେ ।




# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଚାନ୍ଦିନୀ ଚୌକର ୩ୟ ପ୍ରତିଷ୍ଠା ଦିବସ

କଟକ(ନିପ୍ର): ଚାନ୍ଦିନୀ ଚୌକସ୍ଥିତ ଏଚ ଡବ୍ଲୁସି କାର୍ଯ୍ୟାଳୟରେ ନେସନାଲ ହେଲଥ୍ ମିସନ୍ କଟକ ଆନୁକୁଲ୍ୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ଓ ଅଧିକାରୀ ବୃନ୍ଦ ଏହି ଦିନଟିକୁ ମନେପକାଇବା ପାଇଁ ଏକତ୍ରିତ ହୋଇଥିଲେ ଏବଂ ରୋଗୀମାନେ କିପରି ଭାବରେ ସେବା ପାଇ ପାରିବେ ସେ ବିଷୟରେ ଆଲୋଚନା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମକୁ ସି ଏମ ସି ମେୟର ସୁବାସ ସିଂହ ଉଦ୍ଘାଟନ କରିଥିବାବେଳେ ଏ ୟୁ ଡି ପି ଏଚ ଓ ଡକ୍ଟର ସତ୍ୟବ୍ରତ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ । ସ୍ଥାନୀୟ କର୍ପୋରେଟର ଆରତୀ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି ସ୍ୱାସ୍ଥ୍ୟ ସେବା କିପରି ଆଗେଇବ ଏବଂ ଏହାର ଉନ୍ନତ କିପରି ହେବ ସେ ବିଷୟରେ ଆଲୋଚନା କରିଥିଲେ । ୟୁ ସି ଏଚ ସି ତଥା ସି ଡି ଏ ସୁପରିଟେଣ୍ଡେଣ୍ଟ ଡକ୍ଟର କାନ୍ତି ନାୟକ ସଭା ପରିଚାଳନା କରିଥିଲେ । ବରେଣ୍ୟ ଅତିଥି ଭାବରେ ସି ପି ଏମ ନେହା ରାଜପୁତ, ଏ ପି ଏମ ଇପ୍ସିତା ମିଶ୍ର, ଚାନ୍ଦିନୀ ଚୌକର ଏମ ଓ ଆଇ ସି ଡକ୍ଟର ପ୍ରଜ୍ଞା ନାୟକ, କଟକ ମହାନଗର ଶାନ୍ତି କମିଟି ସଭାପତି ଭିକାରୀ ଦାସ, ଫାର୍ମାସିଷ୍ଟ ଅବିନାଶ ସାହୁ ଏବଂ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଆୟୋଜନ କରି ସଫଳତାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ତାଳେ ତାଳେ ସମାପନ ସମ୍ପନ୍ନ କରିଥିଲେ ।

# ଇନ୍‌ଡୋର ଷ୍ଟାଡିଅମ ଠାରେ ପାଳିତ ହେବ ଅନ୍ତର୍ଜାତୀୟ ମହିଳା ଦିବସ




ନୟାଗଡ(ନିପ୍ର): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ମାର୍ଚ୍ଚ ମାସ ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ମହିଳା ଦିବସ ଉତ୍ସବ -୨୦୨୬ ଆମ ନୟାଗଡ଼ ଜିଲ୍ଲାର ଇନଡୋର ଷ୍ଟାଡିୟମ ଠାରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି । ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ସକାଳ ୬ଘ.୩୦ମି. ରୁ ଆରମ୍ଭ ହୋଇ ସକାଳ ଘ.୯. ୩୦ମି. ପର୍ଯ୍ୟନ୍ତ ଚାଲୁ ରହିବ । ମହିଳା ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ କରାଯିବା ପାଇଁ ସ୍ଥିର କରାଯାଇଛି, ଯଥା- ତା୦୬.୦୩.୨୬ରିଖ ଦିନ ଶକ୍ତି ସ୍ୱରୂପିଣୀ (Her Body Her Power) କାର୍ଯ୍ୟକ୍ରମ ରେ ଯୋଗ, ଜୁମ୍ବା, ଏରୋବିକ୍ସ ରଖା ଯାଇଛି ତା ୦୭. ୦୩. ୨୦୨୬ରିଖ ଦିନ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର (Strong Women, Strong Nation)' କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ସୁରକ୍ଷା , ନେତୃତ୍ୱ ଉପରେ ଗୁରୁତ୍ୱ ଦିଆଯିବ ତା ୦୮. ୦୩. ୨୦୨୬ରିଖ ଦିନ 'ଶକ୍ତିର ଗତି, ରାଷ୍ଟ୍ର ର ପ୍ରଗତି(When She moves, India moves)' କାର୍ଯ୍ୟକ୍ରମରେ ଏକ ମାରାଥନ ଇନଡୋର ଷ୍ଟାଡିୟମ ରୁ ବାହାରି ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏବଂ ସେଠାରୁ ଇନଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ପ୍ରତ୍ୟାବର୍ତ୍ତନ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରହିଛି ।

# କାଫେ ଦୋକାନରୁ ଚୋରି

ସୋର(ନିପ୍ର): ସୋର କଲେଜ ଛକ ନିକଟରେ ଥିବା ଏକ କାଫେ ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ସୋର ଥାନା ସବିରା ପଂଚାୟତ ଦାଣ୍ଡପଳସା ଗ୍ରାମର ଜୀବନ ସଂଗ୍ରାମ ପାଣି କଲେଜ ଛକ ନିକଟରେ ଏକ କାଫେ ଦୋକାନ କରିଛନ୍ତି । ପ୍ରତିଦିନ ଭଳି ଗତକାଲି ରାତରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ସକାଳେ ଦୋକାନ ଖୋଲିବା ସମୟରେ ଦୋକନର ଚାବି ଭଙ୍ଗାଯାଇ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏନେଇ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

## ସିବିସି ଓ ପିଆଇବି ପକ୍ଷରୁ ଅନ୍ତର୍ଜାତୀୟ ...

୧ମ ପୃଷ୍ଠାର ଅବଶିଷ୍ଟାଂଶ

ଡକ୍ଟର ବିଭାବରୀ ବଳ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାର ଗୌରବ ବଢ଼ାଇଥିଲେ । ଏଥି ସହ ସୋଆ ବିଶ୍ୱ ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ରହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ । ସଭାକୁ ସମ୍ବୋଧିତ କରି ଶ୍ରୀ ମିଶ୍ର ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଭାରତୀୟ ଦର୍ଶନ ମାଧ୍ୟମରେ "ଡିଜିଟାଲ୍ ଲିଙ୍ଗଗତ ବ୍ୟବଧାନ"ର ପୁନର୍ବ୍ୟାଖ୍ୟା କରିଥିଲେ । ରାମାୟଣ ଏବଂ ମହାଭାରତର ବିଭିନ୍ନ ପ୍ରସଙ୍ଗକୁ ଭିତି କରି ସେ କହିଥିଲେ ଯେ, ମହିଳାମାନଙ୍କର ପସନ୍ଦ, ମର୍ଯ୍ୟାଦା ଏବଂ ଶକ୍ତି ଭାରତର ସାଂସ୍କୃତିକ ଚେତନାରେ ବହୁ ପୂର୍ବରୁ ସ୍ଥାନ ପାଇଛି । ସଶକ୍ତିକରଣ କେବଳ ପ୍ରଯୁକ୍ତିବିଦ୍ୟା ପହଂଚିବା ମଧ୍ୟରେ ସୀମିତ ନୁହେଁ, ବରଂ ଏଥିରେ ମହିଳାମାନଙ୍କର ସମାଜରେ ସକ୍ରିୟ ଅଂଶଗ୍ରହଣ ପାଇଁ ସ୍ୱାଧୀନତା ଓ ସୁଯୋଗ ଅନ୍ତର୍ଭୁକ୍ତ ହେବା ଉଚିତ । ପ୍ରତିଯୋଗିତା ଅପେକ୍ଷା ସହଭାଗିତା ଉପରେ ଗୁରୁତ୍ୱ ଦେଇ ସେ କହିଥିଲେ ଯେ, ଏକ ସନ୍ତୁଳିତ ଏବଂ ଅନ୍ତର୍ଭୁକ୍ତିକରଣ ସମାଜ ଗଠନ ପାଇଁ ପୁରୁଷ ଓ ମହିଳା ଏକାଠି ଆଗକୁ ବଢ଼ିବା ଏବଂ ପରସ୍ପରକୁ ସମର୍ଥନ କରିବା ଆବଶ୍ୟକ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ପରମିତା ଶତପଥୀ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଉଲ୍ଲେଖନୀୟ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଆଜିର ମହିଳାମାନେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ନିଜର ପରିସରକୁ ବ୍ୟାପକ କରିବାରେ ସଫଳ ହୋଇଛନ୍ତି । ବ୍ୟକ୍ତିଗତ ସଫଳତା ପ୍ରେରଣାଦାୟକ ହୋଇଥିଲେ ମଧ୍ୟ ସମାଜର ସମସ୍ତ ମହିଳାଙ୍କ ସାମୂହିକ ସଶକ୍ତିକରଣ ଆମର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ । ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ସେ କହିଥିଲେ ଯେ କେବଳ ବୃତିଗତ ସଫଳତା ନୁହେଁ, ବରଂ ଆତ୍ମବିଶ୍ୱାସ, ନିଷ୍ଠା ଓ ଏକ ଦୃଢ଼ ଉଦ୍ଦେଶ୍ୟ ରଖି ସମାଜ ପାଇଁ ଅର୍ଥପୂର୍ଣ୍ଣ ଅବଦାନ ରଖିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ । ନିଜ ଅଭିଭାଷଣରେ ଡକ୍ଟର ବିଭାବରୀ ବଳ କହିଥିଲେ ଯେ, ଡିଜିଟାଲ୍ ଲିଙ୍ଗଗତ ବ୍ୟବଧାନ ସାମାଜିକ ଏବଂ ଗଠନମୂଳକ ଅସମାନତା ମଧ୍ୟରେ ନିହିତ, ଯାହା ମହିଳାମାନଙ୍କ ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ସୀମିତ କରିଥାଏ । ସେ ଜୋର୍ ଦେଇ କହିଥିଲେ ଯେ, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଆଜିର ଡିଜିଟାଲ୍ ସମାଜରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ଡିଜିଟାଲ୍ ସାକ୍ଷରତା ଏବଂ ଦକ୍ଷତା ବୃଦ୍ଧି ଅତ୍ୟନ୍ତ ଜରୁରୀ । ଏହି ଆଲୋଚନା ଚକ୍ରର ଅଂଶବିଶେଷ ସ୍ୱରୂପ, ଗଣମାଧ୍ୟମରେ କାର୍ଯ୍ୟରତ ପ୍ରତିଷ୍ଠିତ ମହିଳା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହା ସହିତ ଉପସ୍ଥିତ ଛାତ୍ରୀମାନଙ୍କୁ ନେଇ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ ଏବଂ ସିବିସିର କଳାକାରମାନଙ୍କ ଦ୍ୱାରା ବିଷୟଭିତିକ ନାଟକ ପରିବେଷଣ କରାଯାଇଥିଲା । ପରିଶେଷରେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସିବିସିର ସହକାରୀ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସିବିସିର କ୍ଷେତ୍ର ପ୍ରଚାର ଅଧିକାରୀ ଶ୍ରୀମତୀ ସସ୍ମିତା ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ରଙ୍ଗପତିରେ ଦୋଳ ମେଳଣ ଉତ୍ସବ ପାଳିତ

ସୋର(ନିପ୍ର): ସୋର ବ୍ଲକ ମାଣତ୍ରୀ ପଂଚାୟତ ରଙ୍ଗପତି ଗ୍ରାମର ରାଧାକୃଷ୍ଣ ଜୀଉଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ପୂର୍ବାହ୍ଣ ୧୦ଟା ସମୟରେ ସୁସଜ୍ଜିତ ଦୋଳ ବିମାନଗୁଡ଼ିକ ଶୋଭାଯାତ୍ରାରେ ପହଂଚି ଗ୍ରାମ ପରିକ୍ରମା କରିବା ପରେ ସୁରେନ୍ଦ୍ର କୁମାର ଦାସଙ୍କ ମେଳଣ ପିଠରେ ବିଜେ ହୋଇଥିଲେ । ଏହି ଶୋଭା ଯାତ୍ରାରେ ବିଭିନ୍ନ ସଂକୀର୍ତ୍ତନ ଦଳ ସହିତ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ । କୁଳ ଠାକୁର ରାଧାକୃଷ୍ଣ ପୁରୋଧା ଭାବେ ଆବିର୍ଭାବ ହୋଇଥିବା ବେଳେ ନଦୀଗାଁ, ସରଶଂଖ, ଜଡ଼ିଦା, ୱାଦା, ତିଳଦା, ନୂଆପୁର ଆଦି ଗ୍ରାମରୁ ୪୩ ଟି ବିମାନ ଏଥିରେ ଶୋଭାପାଇଥିଲା । ଅପରାହ୍ଣରେ ଭକ୍ତିର ସହିତ ଦୋଳ ବିମାନଗୁଡ଼ିକୁ ମହିଳାମାନଙ୍କ ଦ୍ୱାରା ଧୂପ ଦୀପ ନୈବେଦ୍ୟରେ ମେଲାଣି ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ଶିଳ୍ପୀମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବାବାଜୀ ପଦ୍ମଲୋଚନ ଦାସଙ୍କ ପୁତ୍ର ରବୀନ୍ଦ୍ର କୁମାର ଦାସ, ଗଜେନ୍ଦ୍ର ପ୍ରସାଦ ଦାସ, ବୀରେନ୍ଦ୍ର ଦାସ ଓ ସୁରେନ୍ଦ୍ର ଦାସ ପରିଚାଳନା କରିଥିଲେ । ଏଥିରେ ଗ୍ରାମବାସୀମାନେ ସହଯୋଗ କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Balasore dated 08.12.2025 I, Pooja Dalai, D/o- Baikuntha Dalai, permanent resident of At/Po- Kasafal, Ps- Singla, Dist- Balasore declare that I have changed my name from Puja Rani Dalai to Pooja Dalai. Henceforth, I shall be known as Pooja Dalai for all purposes.

**Sd/-**
**Pooja Dalai**

# ରାମଚନ୍ଦ୍ରପୁରଠାରେ 'ବାହା ମହୋତ୍ସବ' ଉଦ୍‌ଯାପିତ

କେନ୍ଦୁଝର,(ନି.ପ୍ର) କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁରର ନୂଆସାହି ଠାରେ "ଜିଆଳ ଝାରନା ଯୁବକ ସଙ୍ଘ " କମିଟି ଆନୁକୂଲ୍ୟରେ "ବାହା ମହୋତ୍ସବ " ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆମୁଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ପାତ୍ର ଥିବା ବେଳେ ସମ୍ମାନିୟ ଅତିଥି ଭାବେ ଯୁବ ସାମ୍ବାଦିକ ଗଗନ କୁମାର ପାତ୍ର, ବଡଡୁମିରିଆ ପଂଚାୟତର ସରପଂଚ ରୁଦ୍ରନାରାୟଣ ନାୟକ ,ଭାରତୀୟ ଜନତା ପାର୍ଟିର ଉଖୁଣ୍ଡା ମଣ୍ଡଳ ଉପ ସଭାପତି ବ୍ରହ୍ମାନନ୍ଦ ସାହୁ ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀ ମାଳତୀ ମହାନ୍ତ ମଂଚାସିନ ଥିଲେ ।ଅତିଥି ମାନେ ବାହା ମହୋତ୍ସବର ପରମ୍ପରା, ସଂସ୍କୃତି ଏବଂ ବିଶେଷତ୍ୱ ସମ୍ପର୍କରେ ଉପସ୍ଥିତ ଗ୍ରାମ ବାସୀଙ୍କୁ ଉଦବୋଧନ ଦେଇଥିଲେ ।ପାରମ୍ପାରିକ ବାଦ୍ୟ ବଜାଇ ନାଚି ନାଚି ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଜିଆଳ ଝାରନା ଯୁବକ ସଙ୍ଘ କର୍ମକର୍ତା ତଥା ସାନ୍ତାଳ ସାମ୍ପ୍ରଦାୟର ଭାଇ ଭଉଣୀମାନଙ୍କୁ ଅତିଥି ମାନେ କହିଥିଲେ ଜନଜାତି ବର୍ଗ ଆଉ ପଛେଇ ରହିବେ ନାହିଁ । ଭାରତକୁ ବିଶ୍ୱରେ ସର୍ବଶ୍ରେଷ୍ଠ କରିବାରେ ଜନଜାତୀଙ୍କ ଭୂମିକା ପ୍ରମୁଖ ରହିଛି ।କାରଣ ଏବେ ଜନଜାତି ର ଜଣେ ଝିଅ ଆଜି ରାଷ୍ଟ୍ରପତି ଭାବେ ଭାରତରେ ନେତୃତ୍ୱ ନେଉଛନ୍ତି ।ସେହି ଭଳି ଆଉଜଣେ ଜନଜାତିର ପୁଅ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ଓଡିଶା ବାସୀଙ୍କ ସେବାକ ଭାବେ କାର୍ଯ୍ୟ କରୁଛନ୍ତି । ହାଣ୍ଡିପିଟା, ପତଳରେ ପାଣି ପୁରା, ଦହି ହାଣ୍ଡି ଫଟା ଭଳି ଅନେକ କ୍ରୀଡା ପ୍ରତିଯଗିତା ହୋଇଥିଲା । ପରିଶେଷରେ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ଏବଂ ଡିସ୍କୋ ଲାଗଣେ ହୋଇଥିଲା । ଏହି ଉତ୍ସବରେ ଜିଆଳ ଝାରନା ଯୁବକ ସଙ୍ଘର ସଭାପତି ପୂର୍ଣ୍ଣଚନ୍ଦ୍ର ମାଝୀ, ତରଣୀସେନ ମାଝୀ, ରାଜକୁମାର ମାଝୀ, ଲକ୍ଷ୍ମଣ ମାଝୀ, ରାଧାକାନ୍ତ ମୁର୍ମୁ, ମୋତିଲାଲ ମାଝୀଙ୍କ ନେତୃତ୍ୱ ନେଇଥିବା ବେଳେ ସହଯୋଗୀ ଭାବେ ପ୍ରିୟରଞ୍ଜନ ମାଝୀ, ରାଜେଶ ମାଝୀ, ଅଜୟ ମାଝୀ, ବିଜୟ ମାଝୀ,ତପନ ମାଝୀ ଏବଂ ଲମ୍ବଧର ମାଝୀ ଥିଲେ ।ସଭାପରିଚାଳନା ପୂର୍ଣ୍ଣ ଚନ୍ଦ୍ର ମାଝୀ କରିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଗ୍ରାମର ନାଏକେ ବାବା ।

# ୨୭ ମାର୍ଚ୍ଚରୁ ୨ ଏପ୍ରିଲ ସାତ ଦିନ ବ୍ୟାପି ବ୍ରହ୍ମପୁର ମହୋତ୍ସବ

## ରାଜ୍ୟର ଅନ୍ୟତମ ଆକର୍ଷଣୀୟ ଉତ୍ସବ ଭାବେ ଆୟୋଜିତ କରାଯିବ




ବ୍ରହ୍ମପୁର(ନି.ପ୍ର.) ଦକ୍ଷିଣ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ସାଂସ୍କୃତିକ ଉତ୍ସ୍ୱ ବ୍ରହ୍ମପୁର ମହୋତ୍ସବ କୁ ପବିତ୍ର ଶ୍ରୀରାମ ନବମୀ ତଥା ୨୭ ମାର୍ଚ୍ଚ ରୁ ୨ ଏପ୍ରିଲ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଖେଳ ପଡିଆ ଠାରେ ଅଧିକ ଆକର୍ଷଣୀୟ କରି ଆୟୋଜନ କରିବା ସହ, ସ୍ଥାନୀୟ କଳାକାର ଙ୍କୁ ଅଧିକ ସୁଯୋଗ ଦିଆଯିବ ।ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ଜିଲ୍ଲା ସାଂସ୍କୃତିକ ପରିଷଦ ଙ୍କ ପ୍ରେରିତ ଉଚ୍ଚ କୋଟିର ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ ସହ,ସାତ ଦିନ ବ୍ୟାପୀ ଏହି ଉତ୍ସବରେ ୧୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମ ର ସରକାରୀ, ବେସରକାରୀ , ସ୍ୱଂୟ ସହାୟକ । ଗୋଷ୍ଠୀ ର ଷ୍ଟଲ ଖୋଲାଯିବ । ମହିଳା, ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ।ପ୍ରତ୍ୟେକ ଦିନ ଦକ୍ଷିଣ ଓଡ଼ିଶା ତଥା ବ୍ରହ୍ମପୁର ସହର ର ସାଂସ୍କୃତିକ , ପରମ୍ପରା, ପର୍ଯ୍ୟଟନ , ବାଣିଜ୍ୟ ,ସାହିତ୍ୟ ଉପରେ ମାନ୍ୟଗଣ ବ୍ୟକ୍ତି, ସୁବକ୍ତା, କଳାକାର ମାନଙ୍କୁ ନିମନ୍ତ୍ରଣ କରାଯାଇ ଆଲୋଚନା କରାଯିବା ସହ ବିଶିଷ୍ଟ ପ୍ରତିଭା ମାନଙ୍କୁ ସମ୍ମାନିତ କରାଯିବ ବୋଲି ଆଜି ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ ପ୍ରୋକୋଷ୍ଠ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଏଥି ନେଇ ସୂଚନା ପ୍ରଦାନ କରାଯାଇଅଛି । ମହୋତ୍ସବ ପରିଚାଳନା କମିଟି ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ଶ୍ରୀ କେ ଅନୀଲ କୁମାର ଚଳିତ ବର୍ଷ ଅନୁଷ୍ଠିତ ବ୍ରହ୍ମପୁର ମହୋତ୍ସବ କୁ ସମସ୍ତ ଙ୍କ ସାହାଯ୍ୟ ରେ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଆୟୋଜକ ତଥା ମହାନ୍ ସଂଘ ସଭାପତି ଶ୍ରୀ ସୁଶାନ୍ତ କୁମାର ସାବତ ମହୋତ୍ସବ ଉପରେ ସୂଚନା ଦେବାସହ ସମସ୍ତଙ୍କ ସହୋଜୋଗ କାମନା କରିଥିଲେ । ସାଧାରଣ ସମ୍ପାଦକ ପ୍ରସାନ୍ତ କୁମାର ପାତ୍ର, ଅର୍ଗନାଇଜିଂଗ କମିଟି ସମ୍ପାଦକ ଶ୍ରୀ ସୀମାଂଚଳ ପାଣିଗ୍ରାହି, ସାଂସ୍କୃତିକ କମିଟି ସମ୍ପାଦକ ଶ୍ରୀ ଗୋପାଳ ପଟ୍ଟନାୟକ, ଅଶୋକ ବ୍ରହ୍ମା,ସମୀର ଆଚାର୍ଯ୍ୟ, ସୁଦୀପ ସାହୁ, ଶ୍ରୀକାନ୍ତ ସାବତ,ପ୍ରକାଶ ବାଜନି, ଇଭେଂଟ ରେଷ୍ଣନ୍ସ ମାର୍କେଟିଙ୍ଗ ମୁଖ୍ୟ ଶ୍ରୀ ରବିଶଙ୍କର ଙ୍କ ସମେତ ମହୋତ୍ସବ କମିଟି ଓ ମହାନ୍ ସଂଘ ର ବହୁ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ ।

# ୨ୟ ବାର୍ଷିକୀ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଂଟ ୮ରୁ



ବାରିପଦା(ନି.ପ୍ର.) - ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରୀ ସ୍ମୃତି କମିଟି ଆନୁକୂଲ୍ୟରେ ୨ୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୁରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଂଟ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି ବୋଲି କମିଟିର ଅଧ୍ୟକ୍ଷ ଅସିତ ବରଣ ପତି ଜଣାଇଛନ୍ତି ଓ ଏ ବର୍ଷ ଏହି ଟୁର୍ଣ୍ଣାମେଂଟରେ ଓଡିଶା ସମେତ ବିହାର, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ମୋଟ ୧୬ଟି ଦଳ ଅଂଶଗ୍ରହଣ ଅଂଶଗ୍ରହଣ କରିଛନ୍ତି ବୋଲି କମିଟି ସଭାପତି ନଗରପାଳ କୃଷ୍ଣଓ ନନ୍ଦ ମହାନ୍ତି ପ୍ରକାଶ କରିଛନ୍ତି ଓ ଦଳ ଗୁଡିକ ହେଲେ କିଷାନ ବ୍ରଦର ଏଫ ସି, ବାରିପଦା, କେନ୍ଦୁଆ ଏଫ ସି, ବି ଏମ ସ୍ପୋର୍ଟିଂ, କରଞ୍ଜିଆ, ଏମ ଏସ ସି ବି ବିଶ୍ୱବିଦ୍ୟାଳୟ, ବାରିପଦା, ସିଧୁ କାହ୍ନୁ ଏଫ ସି, କୋଲକାତା, ଜଟକଳା ଟେକ୍ସିସ, ବାଲେଶ୍ୱର, ବ୍ଲାକ ପେନ୍ଥର ଏଫ ସି, ଝାଡ଼ଖଣ୍ଡ, ଶରତ ଏଫ ସି, ଠାକୁରମୁଣ୍ଡା, ବାବା ପିଚଲୁ ଯୁଥ କ୍ଲବ, କଟକ, ଷ୍ଟେସନ ବଜାର ଏଫ ସି, ବାରିପଦା, ଶାମଡିହି ଏଫ ସି, ମୟୁରଭଞ୍ଜ, ଶିମିଳିପାଳ ଏଫ ସି, ମୟୁରଭଞ୍ଜ, ଶରଣ ସ୍ପୋର୍ଟିଂ, ବାଙ୍ଗିରିପୋଷି, ଲିଭାରପୁଲ ଏଫ ସି, ବିହାର, ମହୁଲ କରକଟିଆ ଏଫ ସି, ଓଡିଶା ଓ ମୈଦାନ ବାଦଶାହ ଏଫ ସି, ଓଡିଶା ଓ ମୟୁରଭଞ୍ଜ ଫୁଟବଲର ପ୍ରବାଦ ପୁରୁଷ ସ୍ୱର୍ଗତ ଜଗନ୍ନାଥ ମିସ୍ତ୍ରୀଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ଣ୍ଣାମେଂଟ ଚଳିତ ମାସ ୮ ତାରିଖରୁ ୧୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ ଜଣାଇଛନ୍ତି ଓ ଚମ୍ପିୟାନ ଦଳ ପାଇଁ ୧.୫ ଲକ୍ଷ ଓ ରନର୍ସ ଅପ ଦଳ ପାଇଁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୨୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ରହିଛି ବୋଲି ସମ୍ପାଦକ କଳିଙ୍ଗ କେଶରୀ ଜେନାଙ୍କ ସୂତ୍ରରୁ ପ୍ରକାଶ ଓ ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସହ ପଡିଆ ପୂଜନ ଏବଂ ଶୁଭ ଖୁଂଟ ସ୍ଥାପନ କାର୍ଯ୍ୟକ୍ରମ ମଧ ଶେଷ ହୋଇଯାଇଛି ବୋଲି ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠି ଜଣାଇଛନ୍ତି ଓ ଏହି କାର୍ଯ୍ୟକ୍ରମରେ ଅସିତ ବରଣ ପତି, କବି ବିଷ୍ଣୁ ଶତପଥି, ନରତମ ପାଣିଗ୍ରାହୀ, କୈଳାଶ ବେହେରା, ବୈଲୋଚନ ପାତ୍ର, କୁମାର ରଞ୍ଜନ ପଣ୍ଡା, ଅଶୋକ ମିସ୍ତ୍ରୀ, ପ୍ରଦୀପ ମିସ୍ତ୍ରୀ, ରାଜୀବ ମିସ୍ତ୍ରୀ, ସନ୍ତୋଷ କୁମାର ବରାଜ, ସୋମନାଥ ସିଂହ, ବିନୋଦ ସିଂବାବୁ, ବନ ମତଗଜ, ମହାଦେବ ପାତ୍ର ଓ ସୁମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ଓ ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳକୁ ଉପଭୋଗ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିବାକୁ ଅଭ୍ୟର୍ଥନା କମିଟି ଅଧକ୍ଷ ଜୀବନ କୁମାର ସାହୁ ଅନୁରୋଧ କରିଛନ୍ତି ।

# ଆନ୍ତର୍ଜାତୀୟ ମହିଳା ଦିବସର ପ୍ରଥମ ଦିନରେ 'ଶକ୍ତି ସ୍ୱରୂପିଣୀ' କାର୍ଯ୍ୟକ୍ରମ

ବ୍ରହ୍ମପୁର /ଛତ୍ରପୁର (ନି.ପ୍ର.)- ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଥମ ଦିନର କାର୍ଯ୍ୟକ୍ରମ ଛତ୍ରପୁର ଇଣ୍ଡୋର୍ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା, ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ, ଯୋଗ ପ୍ରଶିକ୍ଷକ ସୁନୀତା ପାତ୍ର ଓ ସଙ୍ଗୀତା ସେଠୀ ସହ ମହିଳା, ବାଳିକା, ସ୍ପୋର୍ଟସ ହଷ୍ଟେଲର ଏବଂ ଖେଲୋ ଇଣ୍ଡିଆ ସେଂଟର ବ୍ରହ୍ମପୁରର କୋଚମାନେ ଯୋଗଦାନ କରିଥିଲେ । ଆଜିର ପ୍ରଥମ ଦିବସ 'ଶକ୍ତି ସ୍ୱରୂପିଣୀ' (**Her Body ö Her Power**) କାର୍ଯ୍ୟକ୍ରମ ଅବସରରେ ଶାରୀରିକ ଫିଟନେସ୍ ?, ପୋଷଣ ଏବଂ ମାନସିକ ସୁସ୍ଥତା ସକାଶେ ସାମୁହିକ ଯୋଗ ଅଧିବେଶନ, ଜୁମ୍ବା, ଏରୋବିକ୍ସ, ପାରମ୍ପରିକ ନୃତ୍ୟ, ଦେଶୀୟ ଖେଳ ଇତ୍ୟାଦି ସମ୍ପର୍କରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

# ହୋଲି ଉପଲକ୍ଷେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ୍

କେନ୍ଦୁଝର(ନି.ପ୍ର.)କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପାଟରା ସାହି ବ୍ରାହ୍ମଣୀଦେବୀ କ୍ରିକେଟ ପଡ଼ିଆରେ ହୋଲି ଉପଲକ୍ଷେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ପତିତପାବନ ପ୍ରିମିୟର ଲିଗ୍ ୨୦୨୬ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଭାତୃଭାବ ତଥା ନିଜର ଫିଟନେସ ବଜାୟ ରଖିବା ପାଇଁ ପ୍ରତିବର୍ଷ ହୋଲିରେ ଆୟୋଜିତ ହେଉଥିବା ଏହି ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଚଳିତ ବର୍ଷ ୧୧ତମ ସଂସ୍କରଣ ରେ ପଦାର୍ପଣ କରିଥିବା ବେଳେ ପ୍ରଥମ କରି ଦିବାରାତ୍ର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।ରାଉଣ୍ଡ ରବିନ ଲିଗ୍ ଭିତି ରେ ଟିମ୍ ବ୍ରହ୍ମୋସ୍,ଟିମ୍ ଅଗ୍ନି,ଟିମ୍ ଶୌର୍ଯ୍ୟ ଭାଗ ନେଇ ପ୍ରତ୍ୟେକ ଟିମ୍ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିବା ବେଳେ ଉନ୍ନତ ରନ୍ ରେଟ ରେ ଟିମ୍ ବ୍ରହ୍ମୋସ ଚଳିତ ବର୍ଷ ଚାମ୍ପିଅନ ହୋଇଥିଲେ ।ଆଦିତ୍ୟ ମୋହନ ନାୟକ,ଶୁଭ୍ରମନ୍ୟୁ କୁଣ୍ଡ,ସୁଧୀର କୁମାର ନାହାକ,ଜୟନ୍ତ କୁମାର ବେହେରା,ରାକେଶ କୁମାର ପାତ୍ର,ବିଜୟ କୁମାର ବେହେରା,ସୁଧୀର କୁମାର ବେହେରା,ଓଁକାର ପ୍ରସାଦ ଦାସ,ଅଶ୍ୱିନୀ କୁମାର ସାହୁ, ଅରବିନ୍ଦ ସା,ସତ୍ୟରଞ୍ଜନ ବେହେରା,ଭଦ୍ରତନୁ ଦାସ,ପତିତପାବନ ସା,ସୁବ୍ରତ କୁମାର ବେହେରା,ଚିନ୍ମୟ କୁମାର ସାହୁ,ତ୍ରିଲୋଚନ ପାତ୍ର,ରାଜେଶ କୁମାର ପାତ୍ର,ଗୁପ୍ତତନୁ ଦାସ,ମୃତ୍ୟୁଞ୍ଜୟ ସାହୁ,ପ୍ରକାଶ କୁମାର ସାହୁ,ତୁଷାର କୁମାର ପାତ୍ର,ନିରାକାର ରାମ୍,ଜଗନ୍ନାଥ ସାହୁ,ସୁକେଶ ସିଂହ,ସନ୍ତୋଷ କୁମାର ସାହୁ,ରୁଦ୍ରନାରାୟଣ ପାତ୍ର ପ୍ରମୁଖ କ୍ରିକେଟ ମ୍ୟାଚ୍ ରେ ଭାଗ ନେଇଥିବା ବେଳେ ପ୍ରିୟବ୍ରତ ଚକ୍ରବର୍ତ୍ତୀ,ବାବୁ ଚନ୍ଦ୍ର ରାମ୍ କ୍ରିକେଟ୍ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଅଧିନିୟମ-୨୦୦୫ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ

ଝାରସୁଗୁଡ଼ା(ନି.ପ୍ର.) ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଝାରସୁଗୁଡ଼ା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଏଲ୍.ଏନ୍ କଲେଜ ପରିସରରେ 'ସୂଚନା ଅଧିକାର ଅଧିନିୟମ-୨୦୦୫' ଶୀର୍ଷକ ଏକ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ 'ଗଣତାନ୍ତ୍ରିକ ବ୍ୟବସ୍ଥାରେ ସୂଚନା ଅଧିକାର ନାଗରିକଙ୍କୁ ସଶକ୍ତ କରେ କି' ବିଷୟବସ୍ତୁ ଉପରେ ପ୍ରତିଯୋଗୀମାନେ ନିଜର ବକ୍ତୃତା ପ୍ରଦାନ କରିଥିଲେ । ଏହି ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାର ଇଂରାଜୀ ବିଭାଗରେ ଏଲ୍.ଏନ୍. କଲେଜର ଆରତୀ ଚୌରାସିଆ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ବ୍ରଜରାଜନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୋମଳ ଚୌଧୁରୀ ଦ୍ୱିତୀୟ ଏବଂ ବେଲପାହାଡ଼ ଡିଗ୍ରୀ କଲେଜର ସୁସ୍ମିତା ପଣ୍ଡା ତୃତୀୟ ସ୍ଥାନ ହାସଲ କରିଛନ୍ତି । ସେହିପରି ଓଡ଼ିଆ ବିଭାଗରେ ବ୍ରଜରାଜନଗର ଡିଗ୍ରୀ କଲେଜର ଭାରତୀ ହାତୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ଏଲ୍.ଏନ୍. କଲେଜର ବର୍ଷାରାଣୀ ପ୍ରିୟଦର୍ଶିନୀ ନାୟକ ଦ୍ୱିତୀୟ ଏବଂ କୋଲାବିରା ପି.ଏସ୍. ଡିଗ୍ରୀ କଲେଜର ସୁହାନା ଭୋଇ ତୃତୀୟ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଛନ୍ତି ।ଆସନ୍ତାକାଲି ଅର୍ଥାତ୍ ମାର୍ଚ୍ଚ ୭ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଡି ଏମ ଏଫ୍ ଅଡିଟୋରିୟମ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ସୂଚନା ଅଧିକାର ଅଧିନିୟମ-୨୦୦୫ ଅନ୍ତର୍ଗତ ସ୍ୱତନ୍ତ୍ର କର୍ମଶାଳାରେ ଜିଲ୍ଲାପାଳଙ୍କ ଦ୍ୱାରା ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ଯଥାକ୍ରମେ ୧୫୦୦, ୧୦୦୦ ଏବଂ ୫୦୦ ଟଙ୍କାର ନଗଦ ଅର୍ଥରାଶି ସହ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଏଲ. ଏନ୍ କଲେଜର ଅଧକ୍ଷ ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଇଲେକ୍ଟୋରାଲ୍ ଲିଟେରାସି କ୍ଲବର ନୋଡାଲ ଅଫିସର ତଥା ଏଲ୍.ଏନ୍ କଲେଜର ଜନ ସୂଚନା ଅଧିକାରୀ ଡକ୍ଟର ସୁଚରିତା ଦାଶ ସଂଯୋଜନା କରିଥିଲେ । ବିଚାରକ ଭାବେ ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତ, ଶ୍ରୀ ତପନ କୁମାର ବାରିକ ଏବଂ ଡକ୍ଟର ଗୀତାରାଣୀ ଦୀକ୍ଷିତ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ ।

# ଅନ୍ତର୍ଜାତୀୟ ମହିଳା ଦିବସ ରେ ଯୋଗ ଶିକ୍ଷା ନେଲେ ଶତାଧିକ ମହିଳା

ନୟାଗଡ(ନି.ପ୍ର.)- ନୟାଗଡ଼ ଜିଲ୍ଲାର ଇନଡୋର ଷ୍ଟାଡିୟମ ଠାରେ ଅନ୍ତର୍ଜାତୀୟ ମହିଳା ଦିବସର ଉଦଘାଟନ ଉତ୍ସବରେ ସମ୍ମାନନୀୟା ଜିଲ୍ଲାପାଳ, ନୟାଗଡ଼ ମଧୁମିତା ରଥ, ସମ୍ମାନନୀୟା ଅଧକ୍ଷା, ପୌର ପରିଷଦ ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ପ୍ରମୁଖ ଯୋଗ ଦେଇ ପ୍ରଥମେ ଭଗବାନଙ୍କ ନିକଟରେ ପୁଷ୍ପମାଲ୍ୟ, ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଜିଲ୍ଲାପାଳ ଯୋଗର ଉପକାରିତା ବିଷୟରେ ଉପସ୍ଥିତ ଅଂଶୀଦାରମାନଙ୍କୁ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଯୋଗ ପ୍ରଶିକ୍ଷଣ ଦେବାକୁ ୩ ଜଣ ଯୋଗ ଗୁରୁ ଦୀପ୍ତିମୟୀ ଜେନା, ସୁଶ୍ମୀତା ଦାଶ ଓ ସୁଶ୍ରୀ ସଂଗୀତା ନାୟକ ଯୋଗ ଦେଇଥିଲେ କ୍ଷ ଜୁମ୍ବା କାର୍ଯ୍ୟକ୍ରମରେ ମହିଳା ମାନେ ଭାଗ ନେଇ ବହୁତ ଖୁସି ପ୍ରକଟ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ ଜିଲ୍ଲା କ୍ରୀଡା ଅଧିକାରୀ, ସୁଜାତା କୁମାରୀ ସାହୁଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା କ୍ଷ ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ, ନୟାଗଡ଼ ପୌର ପରିଷଦ ସ୍ନେହଲତା ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ କ୍ଷ ନୟାଗଡ଼ ଜିଲ୍ଲାର ବିଭିନ୍ନ କ୍ଲବ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଏଥିରେ ଯୋଗ ଦେଇଥିଲେ ।

# ବୋରିଗୁମ୍ମା ବ୍ଲକ ରେ ପଂଚାୟତ ସମିତି ବୈଠକ ଅନୁଷ୍ଠିତ



ବୋରିଗୁମ୍ମା(ନି.ପ୍ର.)ବୋରିଗୁମ୍ମା ବ୍ଲକ ସଭାଗୃହ ଠାରେ ଚଳିତ ବର୍ଷ ର ପ୍ରଥମ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଂଚାୟତ ସମିତି ବୈଠକରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଗ ଦେଇଥିଲେ ।କୋଟପାଡ଼ ବିଧାୟକ ରୁପୁ ଭତ୍ରା ନିଜ ବକ୍ତବ୍ୟ ରେ କହିଥିଲେ ଯେ ବିଭିନ୍ନ ବିଭାଗ ଅଧିକାରୀ ମାନେ ଏକଜୁଟ ହୋଇ ପଂଚାୟତର ବିକାଶ କରନ୍ତୁ । ଏପର୍ଯ୍ୟନ୍ତ ଠିକା କମ୍ପାନୀ ନେଇଥିବା ମେଗା ପ୍ରୋଜେକ୍ଟ ଗ୍ରାମାଂଚଳ କୁ ଜଳ ଯୋଗାଣ କରିବାରେ ଅସମର୍ଥ ହୋଇଛି, ଏହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ପାଣି ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ପରେ ଜୟପୁର ବିଧାୟକ ଶ୍ରୀ ବାହିନୀପତି ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ ।ଶିକ୍ଷା ବିଭାଗ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଙ୍କୁ କେତୋଟି ବିଦ୍ୟାଳୟ ଜଣେ ଶିକ୍ଷକ ରେ ଚାଲିଛି ବୋଲି ପ୍ରଶ୍ନ କରିବା ସହ କେତୋଟି ବିଦ୍ୟାଳୟ ରେ ଶ୍ରେଣୀ ଗୃହ ର ଅଭାବ ରହିଛି ବୋଲି କହିଥିଲେ ।୨୦ ଟି ବିଦ୍ୟାଳୟ କୁ ଅତିରିକ୍ତ ଶ୍ରେଣୀ ଗୃହ ନିମନ୍ତେ ପାଂଚ ଲକ୍ଷ ଟଙ୍କା ବିଧାୟକ ପାଣ୍ଠି ରୁ ପ୍ରଦାନ କରିବେ ବୋଲି ସହମତି ପ୍ରକାଶ କରିଥିଲେ ।ପରେ ସ୍ୱାସ୍ଥ୍ୟ,କୃଷି, ମହିଳା ଓ ଶିଶୁ ବିକାଶ ବିଭାଗ, ବିଦ୍ୟୁତ, ମୃତିକା ସଂରକ୍ଷଣ, ପୂର୍ତ ବିଭାଗ, ପଶୁ ସଂପଦ, ଜଳ ସେଚନ, ଜଳ ଯୋଗାଣ, ଜଙ୍ଗଲ ଓ ପରିବେଶ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ର ଅଧିକାରୀ ମାନଙ୍କ ସହ ବିକାଶ ମୂଳକ କାର୍ଯ୍ୟ ନେଇ ଆଲୋଚନା କରିଥିଲେ ।ପଂଚାୟତ ସମିତି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡିକା, ନୃସିଂହନାଥ ଶତପଥୀ, କୋରାପୁଟ ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ, ବିଡ଼ିଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ, ଏବିଇଓ ସୁବାସ ଚନ୍ଦ୍ର ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ମେଡ଼ିକାଲ ଅଫିସର ଡ଼.ଶ୍ରୀକାନ୍ତ ଶତପଥୀ, ସିଡ଼ିପିଓ ଲକ୍ଷ୍ମୀପ୍ରିୟା ଯାନୀ, ବିଦ୍ୟୁତ ବିଭାଗ ଏସ୍ଡିଓ ଚନ୍ଦ୍ରକାନ୍ତ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଶଙ୍କର ଜେନା, ଏଇଇ ପ୍ରକାଶ ପ୍ରଧାନ, ଏବିଡ଼ିଓ ମାଧୁରୀ ଆଚାରୀ, ଜିପିଇଓ ସ୍ୱାଗତିକା ଗୋପାଲ, ଉଦ୍ୟାନ ବିଭାଗ ର ଏହେଚଓ ବିଜୟ ମାହୁନ୍ତଙ୍କ ସହ ଅନ୍ୟ ବିଭାଗ ର ଅଧିକାରୀ ଓ ବିଭିନ୍ନ ପଂଚାୟତ ରୁ ଆସିଥିବା ସରପଂଚ ଓ ସମିତି ସଭ୍ୟ/ ସଭ୍ୟା ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ୨୦୨୫-୨୬ ଉଦ୍‌ଘାଟିତ

କେନ୍ଦୁଝ(ନି.ପ୍ର.): କେନ୍ଦୁଝର ସହର ସ୍ଥିତ ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ କେନ୍ଦୁଝରରେ ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ମାର୍ଚ୍ଚ ୬ ତାରିଖ ରେ ଉଦଘାଟିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ ଯୋଗ ଦେଇ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଯୁଗାନ୍ତକରୀ ପଦକ୍ଷେପ ପିଏମ୍ ଶ୍ରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କୁ ଭୂୟସୀ ପ୍ରଂଶସା କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା,ସତ୍ୟନାରାୟଣ ମହାନ୍ତ,ରୁଦ୍ର ନାରାୟଣ ସାମଲ,ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା,ପାଟଣା ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ,ହରିଚନ୍ଦନପୁର ବ୍ଲକ୍ ଶିକ୍ଷା ଅଧିକାରୀ ଚିନ୍ମୟ ରାଉତ,ଝୁମ୍ପୁରା ବ୍ଲକ୍ ଶିକ୍ଷା ଅଧିକାରୀ ଭଗବାନ ମିଶ୍ର,ଘଷିପୁରା ବ୍ଲକ୍ ଶିକ୍ଷା ଅଧିକାରୀ ସଦ୍ୟସ୍ନାନ ପଣ୍ଡା,ବାଂଶପାଳ ବ୍ଲକ୍ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଡି,ଘଟଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ନାୟକ,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା,ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି,ପଂଚ ସଖା ଶିକ୍ଷା ସେତୁର ଜିଲ୍ଲା ସହାୟକ ଅଧିକାରୀ ପରମେଶ୍ୱର ସାମଲ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ସୃଜନାତ୍ମକ ଚିନ୍ତାଧାରାରେ ଆଗକୁ ବଢ଼ିବା ପାଇଁ ଅଭିଭାଷଣ ମାଧ୍ୟମରେ ପରାମର୍ଶ ଦେଇଥିଲେ ।ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ୧୯ ଟି ପିଏମ୍ ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହି ଉତ୍ସବରେ ଆକାଂକ୍ଷୀ ମେଳା,ଟ୍ୟାଲେଂଟ ଗ୍ୟାଲେରୀ,ଦୋକାନ ଯାତ୍ରା,କ୍ୟାରିଅର ମେଳା ରେ ୧୯ ଟି ପିଏମ୍ ଶ୍ରୀ ବିଦ୍ୟାଳୟର ପ୍ରାୟ ୮୩୫ ଜଣ ଛାତ୍ରଛାତ୍ରୀ ଯୋଗଦାନ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ ।ବିଚାରକ ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଅର୍ଥନୀତିର ଆସିଷ୍ଟାଂଟ ପ୍ରଫେସର ଡ଼ ଦାମୋଦର ସାହୁ,ପଦାର୍ଥ ବିଜ୍ଞାନର ଆସିଷ୍ଟାଂଟ ପ୍ରଫେସର ଡ଼ କୃଷ୍ଣଚନ୍ଦ୍ର ପ୍ରଧାନ,ରସାୟନ ବିଜ୍ଞାନର ଆସିଷ୍ଟାଂଟ ପ୍ରଫେସର ଡ଼ ପ୍ରକାଶ ଚନ୍ଦ୍ର ପାଲ,ଉଦ୍ଭିଦ ବିଜ୍ଞାନର କନିଷ୍ଠ ଅଧ୍ୟାପକ ରାଜେନ୍ଦ୍ର କୁମାର କର ବିଭିନ୍ନ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ ।ଏହି ପିଏମ୍ ଶ୍ରୀ ଉତ୍ସବ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବହୁ ମାତ୍ରାରେ ଜନସାଧାରଣ ତଥା ଛାତ୍ର ଛାତ୍ରୀ ସମବେତ ହୋଇଥିଲେ ।ଶିକ୍ଷୟିତ୍ରୀ ସୋମ୍ୟାଶ୍ରୀ ଚାଟାର୍ଜୀ ମଂଚ ପରିଚାଳନା କରିଥିବା ବେଳେ ପଂଚ ସଖା ଶିକ୍ଷା ସେତୁ ଜିଲ୍ଲା ନୋଡାଲ ଅଫିସର ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବକୁ ସଫଳ କରାଇବାରେ ସମଗ୍ର ଶିକ୍ଷା କେନ୍ଦୁଝର,ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ତଥା ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବର ବିଭିନ୍ନ କମିଟିରେ ଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ସହଯୋଗ ରହିଥିଲା ।


## ଶ୍ରୀ ଶ୍ରୀ କପିଳମୁନି ସତ୍ ଚେତନା ଶିକ୍ଷାକେନ୍ଦ୍ର

ରେମୁଣା, ବାଲେଶ୍ୱର

ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**COR NO: SSKSSKSRB/229/2022**

**UDISE Code No-21080930281**

ପ୍ରଥମଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ

ଶିକ୍ଷାବର୍ଷ ୨୦୨୬-୨୭

**Noc: 2022-2027**

ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତବର୍ଷ (୨୦୨୬-୨୭) ଶିକ୍ଷା ଅଧିକାର ୧୨-(୧-(C) ୨୦୦୯ ଆଇନ ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ଚୟନ ନିମନ୍ତେ ଓଡ଼ିଆ / ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ନାମଲେଖା ପାଇଁ www.rteparadarshi.odisha.gov.in ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ଆମ ବିଦ୍ୟାଳୟରେ କ୍ଲାସ-୧ ପାଇଁ ୨୫% ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, H.I.V ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ଶିଶୁଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଃଶୁଳ୍କ ନାମଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ, ଆବେଦନ କରିବା ପାଇଁ www.rteparadarshi.odisha.gov.in ପୋର୍ଟାଲକୁ ଲଗଇନ କରନ୍ତୁ । ଆବେଦନ ପଂଜିକରଣ ସମୟ ସୀମା ୧୦.୦୨.୨୬ରୁ ୧୦.୦୩.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷ ତାରିଖ ୧୬.୦୩.୨୬ ରଖାଯାଇଅଛି । ପ୍ରଥମ ପର୍ଯ୍ୟାୟର ନାମଲେଖା ୧୭.୦୩.୨୬ରୁ ୩୧.୦୩.୨୦୨୬ ଦ୍ୱିତୀୟ ପର୍ଯ୍ୟାୟ ପଂଜିକରଣନିମନ୍ତେ ଆବେଦନ କରିବାର ସମୟ ସୀମା ୦୪.୦୪.୨୬ରୁ ୨୪.୦୪.୨୬ ଏବଂ ଆବେଦନପତ୍ର ଯାଞ୍ଚ କରିବା ଶେଷତାରିଖ ୨୮.୦୪.୨୬ ରଖାଯାଇଅଛି ।

ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ୨୯.୦୪.୨୬ରୁ ୧୮.୦୫.୨୬ ।
ତୃତୀୟ ପର୍ଯ୍ୟାୟ ପଂଜିକରଣ ଆବେଦନ ୨୨.୦୫.୨୬ରୁ ୧୫.୦୬.୨୬ ।
ଶେଷ ତାରିଖ ୧୮.୦୬.୨୦୨୬ ।
ବିଦ୍ୟାଳୟ ନାମଲେଖା ଆରମ୍ଭ : ୧୯.୦୬.୨୬ରୁ ଆରମ୍ଭ
ଆବେଦନ କରିସାରିବା ପରେ ଯଥାଶୀଘ୍ର ଆବେଦନ ପତ୍ର ଓ ପରିଚୟ ପତ୍ର ଗୁଡ଼ିକୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦାଖଲ କରନ୍ତୁ ।

ସମ୍ପାଦକ
ମୋ-୮୬୩୭୨୦୦୪୫୫

ପ୍ରଧାନ ଆଚାର୍ଯ୍ୟ
ମୋ-୮୨୪୯୩୦୮୨୫୦

# ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ୟୁପିଏସସି ଦ୍ୱାରା ପରିଚାଳିତ ସିଭିଲ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା । ପ୍ରଶାସନିକ ସେବାକୁ କେବଳ ପଦବୀ ନୁହେଁ, ବରଂ ଜନସେବାର ବ୍ରତ ଭାବେ ଗ୍ରହଣ କରି ଆପଣଙ୍କ ଜ୍ଞାନ ଓ ଅନୁଭବକୁ ସମାଜର ଶେଷ ସ୍ତରରେ ଥିବା ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ବିନିଯୋଗ କରନ୍ତୁ । ଜଣେ ଜଣେ ଦକ୍ଷ ପ୍ରଶାସକ ଭାବେ ନୈତିକତା ଏବଂ ସେବା ମନୋଭାବ ନେଇ ସମର୍ପଣର ସହ କାର୍ଯ୍ୟ କରି ବିକଶିତ ଭାରତ ଗଠନରେ ସହାୟକ ହୁଅନ୍ତୁ । ଆପଣମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।



# ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର : ଭିତିଭୂମି ନିର୍ମାଣ କ୍ଷେତ୍ରରେ ଗୁଣଯୁକ୍ତ ସାମଗ୍ରୀ ବ୍ୟବହାର ନିର୍ମାଣର ସ୍ଥାୟିତ୍ୱକୁ ବୃଦ୍ଧି କରିଥାଏ । ଅନ୍ୟ ପକ୍ଷରେ ବିଭିନ୍ନ ନିର୍ମାଣ ସାମଗ୍ରୀର ସଠିକ୍ ? ମୂଲ୍ୟ ନିର୍ଦ୍ଧାରଣ କାର୍ଯ୍ୟର ସ୍ୱଚ୍ଛତା ଏବଂ କାର୍ଯ୍ୟ ପ୍ରକ୍ରିୟାକୁ ଅଧିକ ତ୍ୱରିତ ଗତିରେ ଆଗେଇ ନେବାରେ ସାହାଯ୍ୟ କରିଥାଏ । ଏହାକୁ ଦୃଷ୍ଟିରେ ରଖି ମାନ୍ୟବର ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାର, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟରେ ଲାଗୁ ହୋଇଥିବା ନିର୍ମାଣ ସାମଗ୍ରୀର ମୂଲ୍ୟକୁ ତର୍ଜମା କରି ରାଜ୍ୟରେ କିଭଳି ନିର୍ମାଣ ସାମଗ୍ରୀର ସର୍ବଶ୍ରେଷ୍ଠ ମୂଲ୍ୟ ନିର୍ଦ୍ଧାରଣ କରି ହେବ ସେଥିନେଇ ଆଲୋଚନା ହୋଇଥିଲା । ପରିବହନ ଖର୍ଚ୍ଚକୁ ହିସାବକୁ ନେଇ ବାଲି, ଗୋଡ଼ି, ଇଟାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଇନ୍‌ଡୋର ଏବଂ ଆଉଟ୍‌ଡୋର ସାମଗ୍ରୀ, ବୈଦ୍ୟୁତିକ ସାମଗ୍ରୀ, ପ୍ରି-ଫେବ୍ରିକେଟେଡ୍ ସାମଗ୍ରୀ, କୋଠାବାଡ଼ିରେ ବ୍ୟବହୃତ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା ହୋଇଥିଲା । ଭିତିଭୂମି ନିର୍ମାଣ କ୍ଷେତ୍ରରେ ନିର୍ମାଣ ସାମଗ୍ରୀର ଗୁରୁତ୍ୱ ଓ ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ସମାପ୍ତି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଇଆଇସି-ତଥା-ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି ଇଂ ସମୀର ହୋତା, ଇଆଇସି ଇଂ ସତ୍ୟବ୍ରତ ବେହେରା, ଇଆଇସିଇଂ ଧାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ ଇଂ ପ୍ରିୟବ୍ରତ ସାମନ୍ତରାୟ ଏବଂ ଇଂ ଶିବବ୍ରତ ତରିଆ, ଅର୍ଥ ପରାମର୍ଶଦାତା ଶ୍ରୀ ରତୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।






# ଦିଲ୍ଲୀରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୮ ମାର୍ଚ୍ଚଦିନ ୧୨ଟା ସମୟରେ ଦିଲ୍ଲୀରେ ପ୍ରାୟ ୩୩,୫୦୦ କୋଟି ଟଙ୍କାର ବିଭିନ୍ନ ବିକାଶ ପ୍ରକଳ୍ପର ଉଦ୍ଘାଟନ ଏବଂ ଶିଳାନ୍ୟାସ କରିବେ । ଏହି ଅବସରରେ ଉପସ୍ଥିତ ସମାବେଶକୁ ମଧ୍ୟ ସେ ସମ୍ବୋଧିତ କରିବେ । କାର୍ଯ୍ୟକ୍ରମ ପୂର୍ବରୁ, ପ୍ରଧାନମନ୍ତ୍ରୀ ସରୋଜିନୀ ନଗର ସ୍ଥିତ ଜିପିଆର୍ଏ ଟାଇପ୍-୫ କ୍ୱାର୍ଟର୍ସ ପରିଦର୍ଶନ କରି ମହିଳା ଆବଂଟିତମାନଙ୍କୁ ଚାବି ପ୍ରଦାନ କରିବେ । ପ୍ରଧାନମନ୍ତ୍ରୀ ପ୍ରାୟ ୧୮,୩୦୦ କୋଟି ଟଙ୍କାର ଦିଲ୍ଲୀ ମେଟ୍ରୋ ପ୍ରକଳ୍ପର ଉଦ୍ଘାଟନ ଏବଂ ଶିଳାନ୍ୟାସ କରିବେ । ପ୍ରଧାନମନ୍ତ୍ରୀ ଦିଲ୍ଲୀ ମେଟ୍ରୋରେ ଦୁଇଟି ନୂତନ କରିଡର ମଧ୍ୟ ଉଦଘାଟନ କରିବେ । ଏଥିରେ ପ୍ରାୟ ୧୨.୩ କିଲୋମିଟର ଲମ୍ବା ମଜଲିସ୍ ପାର୍କ-ମୌଜପୁର ବାବରପୁର (ପିଙ୍କ ଲାଇନ୍) କରିଡର ଏବଂ ପ୍ରାୟ ୯.୯ କିଲୋମିଟର ଲମ୍ବା ଦୀପାଲୀ ଚୌକ-ମଜଲିସ ପାର୍କ (ମାଜେଂଟା ଲାଇନ୍) କରିଡର ଅନ୍ତର୍ଭୁକ୍ତ । ଏହି ନୂତନ ସଂଯୋଗୀକରଣ ଯୋଗୁଁ ଦିଲ୍ଲୀର ବୁରାଡି, ଜଗତପୁର-ୱାଜିରାବାଦ, ଖଜୁରୀ ଖାସ, ଭଜନପୁରା, ଜମୁନା ବିହାର, ମଧୁବନ ଚୌକ, ହାଇଦରପୁର ବାଦଲି ମୋଡ, ଭଲସ୍ୱା, ମଜଲିସ୍



ପାର୍କ ସମେତ ଅନେକ ଅଂଚଳକୁ ଯୋଗାଯୋଗ ସୁଗମ ହେବ । ପ୍ରଧାନମନ୍ତ୍ରୀ ଦିଲ୍ଲୀ ମେଟ୍ରୋର ଭି-ଏ ପର୍ଯ୍ୟାୟ ଅନ୍ତର୍ଗତ ପ୍ରାୟ ୧୬.୧୦ କିଲୋମିଟର ଲମ୍ବ ତିନିଟି ନୂତନ କରିଡରର ମଧ୍ୟ ଶିଳାନ୍ୟାସ କରିବେ । ଏହି ତିନିଟି ନୂତନ କରିଡର ହେଉଛି ଆର୍.କେ. ଆଶ୍ରମ ମାର୍ଗରୁ ଇନ୍ଦ୍ରପ୍ରସ୍ଥ, ଏରୋସିଟିରୁ ଇନ୍ଦିରା ଗାନ୍ଧୀ ବିମାନବନ୍ଦର ଟର୍ମିନାଲ-୧ ଏବଂ ତୁଗଲକ୍ବାଦରୁ କାଳିନ୍ଦୀ କୁଞ୍ଜ । ଏହି କରିଡରଗୁଡିକ ଜାତୀୟ ରାଜଧାନୀର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସିଧାସଳଖ ସଂଯୋଗ କରିବ ଏବଂ ନୋଏଡା, ଦକ୍ଷିଣ ଦିଲ୍ଲୀ ଏବଂ ବିମାନବନ୍ଦର ମଧ୍ୟରେ ଯାତ୍ରା କରୁଥିବା ବାସିନ୍ଦାଙ୍କ ପାଇଁ ଯୋଗାଯୋଗକୁ ଉନ୍ନତ କରିବ । ପ୍ରଧାନମନ୍ତ୍ରୀ ଜେନେରାଲ ପୁଲ ରେସିଡେନ୍ସିଆଲ୍ ଆକୋମୋଡେସନ୍ (ଜିପିଆରଏ) ପୁନଃବିକାଶ ଯୋଜନା ଅଧୀନରେ ୧୫,୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଏବଂ ଶିଳାନ୍ୟାସ ମଧ୍ୟ କରିବେ । ସରୋଜିନୀ ନଗର, ନେତାଜୀ ନଗର, କସ୍ତୁରବା ନଗର ଏବଂ ଶ୍ରୀନିବାସପୁରୀ ଭଳି ପ୍ରମୁଖ ସ୍ଥାନରେ ବିସ୍ତାରିତ ଏହି ପ୍ରକଳ୍ପଗୁଡିକ ଜିପିଆର୍ଏ କଲୋନୀଗୁଡିକର ଆଧୁନିକୀକରଣ ଏବଂ ସରକାରୀ କର୍ମଚାରୀ ତଥା ପ୍ରଶାସନିକ କାର୍ଯ୍ୟାଳୟ ପାଇଁ ବିଶ୍ୱସ୍ତରୀୟ ଭିତିଭୂମି ପ୍ରସ୍ତୁତ କରିବାର ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନାର ଏକ ଅଂଶ । ଏହି ପ୍ରକଳ୍ପଗୁଡିକୁ ଏକ ଅଭିନବ ଆତ୍ମନିରନ୍ତର ଆର୍ଥିକ ମଡେଲ ମାଧ୍ୟମରେ ପୁନଃବିକଶିତ କରାଯାଇଛି ଯାହା ସୁନିଶ୍ଚିତ କରୁଛି ଯେ, ପୁନଃବିକାଶ ସରକାରୀ ରାଜକୋଷ ଉପରେ କୌଣସି ବୋଝ ନପକାଇ କରାଯାଇଛି । ଏହି ମଡେଲ୍ ଅନୁଯାୟୀ, ସରକାର ସମ୍ପୂର୍ଣ୍ଣ ପ୍ରକଳ୍ପକୁ ଆର୍ଥିକ ସହାୟତା ଦେବା ପାଇଁ ପ୍ରକଳ୍ପ କ୍ଷେତ୍ରର ଏକ ସୀମିତ ଅଂଶକୁ ବାଣିଜ୍ୟିକ ତଥା ଆବାସିକ ସ୍ଥାନ ନିମନ୍ତେ ବିକଶିତ ଏବଂ ମୁଦ୍ରୀକୃତ କରୁଛନ୍ତି । ଏଥିରୁ ପ୍ରାପ୍ତ ରାଜସ୍ୱକୁ ଆଧୁନିକ ସରକାରୀ ଗୃହ, ଭିତିଭୂମି ଏବଂ ସାର୍ବଜନୀନ ସୁବିଧାଗୁଡିକୁ ପୁନଃବିକାଶ କରିବା ପାଇଁ ବ୍ୟବହାର କରାଯାଉଛି । ପୁନଃବିକାଶ ଯୋଜନା ଅଧୀନରେ ସରକାରୀ କର୍ମଚାରୀମାନଙ୍କ ପାଇଁ ପ୍ରାୟ ୪୮ ଲକ୍ଷ ବର୍ଗଫୁଟର କାର୍ଯ୍ୟାଳୟ ସ୍ଥାନ ସହିତ ୯,୩୫୦ରୁ ଅଧିକ ଆଧୁନିକ ଫ୍ଲାଟ ଯୋଗାଇ ଦିଆଯିବ ଯାହା ଦ୍ୱାରା ପ୍ରଶାସନିକ ଦକ୍ଷତା ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇବା ସହ ଆର୍ଥିକ ଲାଭର ସମ୍ଭାବନା ମଧ୍ୟ ସୃଷ୍ଟି ହେବ ।

# ପାରାଦ୍ୱୀପରେ ଇଫକୋ ସଲଫ୍ୟୁରିକ୍ ଏସିଡ୍ ପ୍ଲାଂଟର ଲୋକାର୍ପଣ କଲେ ଅମିତ ଶାହ

ଭୁବନେଶ୍ୱର : ଆଜି ଏକ ଦିବସୀୟ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ । ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି ଶ୍ରୀ ଶାହ । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଛନ୍ତି,




ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ମାଟି । ସେ ଏହା ମଧ୍ୟ କହିଛନ୍ତି, ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ଦେଶ ବିକାଶ ପଥରେ ଆଗେଇ ଚାଲିଛି । ନିକଟ ଅତୀତରେ କୃତ୍ରିମ ବୁଦ୍ଧିମତା ସମ୍ମିଳନୀର ଆୟୋଜନ କରାଯାଇଛି ଯେଉଁଥିରେ ବିଭିନ୍ନ ଦେଶର ନେତୃତ୍ୱ ନେଉଥିବା ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତି ବିଶେଷମାନେ ଯୋଗଦେଇଛନ୍ତି । ଆଗାମୀ ଦିନରେ ଆମ ଦେଶ ଭାରତକୁ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାରେ ମଧ୍ୟ ନୂତନ ସରକାର ଗଠନ ହେବା ପରେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଉଛି । ଧାନ ଚାଷୀମାନଙ୍କୁ ୩୧୦୦ ଟଙ୍କାର ଏମ୍ଏସପି ପ୍ରଦାନ କରିବା ଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି । ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତି ବର୍ଗର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛି ବୋଲି ମତ ପ୍ରକାଶ କରିଛନ୍ତି ଶ୍ରୀ ଶାହ । ଓଡ଼ିଶାର ବିକାଶ ଯାତ୍ରାରେ ଯୋଡ଼ି ହୋଇଛି ନୂତନ ଫର୍ଦ୍ଦ । ଆଜି ଗୋଟିଏ ଦିନରେ ୩୨୭୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏହାସହିତ ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେଇଛି । ଏହାମାଧ୍ୟମରେ ଓଡ଼ିଶାର ଚାଷୀ ସମୃଦ୍ଧ ହେବ, ଓଡ଼ିଶାର ଯୁବକ ସମୃଦ୍ଧ ହେବେ, ଓଡ଼ିଶାର ମା'ମାନେ ସମୃଦ୍ଧ ହେବେ ଏବଂ ସାରା ଓଡ଼ିଶା ସମୃଦ୍ଧ ହେବ ବୋଲି କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପୋଲିସକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଏବଂ ବୃତିଗତ କରିବାରେ ଶ୍ରୀ ଶାହଙ୍କ ଅବଦାନ ଅତୁଳନୀୟ । ଏହାଦ୍ୱାରା ୨୦୨୫ ର ପ୍ରଥମ ଛଅ ମାସରେ, ଓଡ଼ିଶାରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ହାର ୪୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୩ ରେ ମାତ୍ର ୬.୭ ପ୍ରତିଶତ ଥିଲା ।

# ୨୦୦୫ ଓ ୨୦୦୨ ମସିହା ଭୋଟର ତାଲିକା ସହିତ ମ୍ୟାପିଂ କରାଯାଉଛି : ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର : ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର)-୨୦୨୬ କାର୍ଯ୍ୟକ୍ରମ ପାଇଁ ୨୦୦୨ ମସିହାର ଭୋଟର ତାଲିକା ସହିତ ମ୍ୟାପିଂ ପ୍ରକ୍ରିୟା ଉପରେ ଏକ ବିସ୍ତୃତ ଉପସ୍ଥାପନା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମିଡ଼ିଆ ସେଂଟରରେ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପଲନ ଅଧ୍ୟକ୍ଷତା କରି କହିଥିଲେ ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ୨୦୦୨ଭୋଟର ତାଲିକାକୁ ଏକ ମୂଳ ଆଧାର ଭାବେ ବ୍ୟବହାର କରି ୨୦୨୫ ଭୋଟର ତାଲିକା ସହିତ ମ୍ୟାପିଂ କରାଯିବ । ମ୍ୟାପିଂ ସମୟରେ ଭୋଟରଙ୍କ ନାମ, ସମ୍ପର୍କୀୟଙ୍କ




ନାମ, ବୟସ/ଜନ୍ମ ତାରିଖ, ମତଦାନ କେନ୍ଦ୍ର, ଭାଗ ସଂଖ୍ୟା ଓ ରଚଓଡ ବିବରଣୀ ମିଳାଯିବ । ଏହି ପ୍ରକ୍ରିୟାରେ ବୁଥ୍ସ୍ତରୀୟ ଅଧିକାରୀମାନେ କ୍ଷେତ୍ରସ୍ତରରେ ସହାୟତା କରିବେ ଏବଂ ଇସିଆଇ ନେଟ ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ୍, CEOଓଡ଼ିଶା ୱେବସାଇଟ୍ ଓ ECINET ମୋବାଇଲ୍ ଆପ୍ ମାଧ୍ୟମରେ ଭୋଟରମାନେ ତଥ୍ୟ ଯାଂଚ କରିପାରିବେ । ନାଗରିକମାନଙ୍କୁ ନିଜ ନାମ ୨୦୨୫ ଓ ୨୦୦୨ଭୋଟର ତାଲିକାରେ ଯାଂଚ କରି ସମ୍ବନ୍ଧିତ ବିବରଣୀ ବୁଥ ସ୍ତରୀୟ ଅଧିକାରୀଙ୍କୁ ଦେବାକୁ ଅନୁରୋଧ କରାଯାଇଛି । ଯଦି ୨୦୦୨ତାଲିକାରେ ନାମ ନ ମିଳେ, ତେବେ ନିଜ ପିତା/ମାତାଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ । ଯଦି ୨୦୦୨ଭୋଟର ତାଲିକାରେ ନିଜର, ପିତା/ମାତାଙ୍କର ନାମ ପାଇବାରେ ଅସମର୍ଥ ହୁଅନ୍ତି ତେବେ ନିଜର ଜେଜେବାପା/ଜେଜେମାଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ । ଶ୍ରୀ ଗୋପଲନ ଆହୁରି ସ୍ପଷ୍ଟ କରିଛନ୍ତି ଯେ, ଏହି ମ୍ୟାପିଂ ପ୍ରକ୍ରିୟା ପାଇଁ କୌଣସି ଦସ୍ତାବିଜ କିମ୍ବା ଆଧାରକାର୍ଡ଼ ଦେବା ଆବଶ୍ୟକ ନୁହେଁ ଏବଂ ଏସଆଇଆର ଆରମ୍ଭ ହେଲେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ନାମ ପଞ୍ଜିକରଣ କରାଯିବ ।

# ଗୋପାଳଗାଁ ପ୍ରିମିୟର ଲିଗ୍‌ର ନବମ ସଂସ୍କରଣ ଉଦ୍‌ଘାଟିତ

ବାଲେଶ୍ୱର : ଶୁକ୍ରବାର ଗୋପାଳଗାଁ ପ୍ରିମିୟର ଲିଗ୍‌ର ନବମ ସଂସ୍କରଣ ଗୋପାଳଗାଁ ବିଲବାଡ଼ି ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି । ବିନାୟକ ବଏଜ କ୍ଲବ୍‌ର ସଭାପତି ରାଜେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, 'ଆଜିକାଲି'ର ପ୍ରକାଶକ ତଥା ବିଶିଷ୍ଟ ସମାଜସେବୀ କିଶୋର ଦାସ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବାକୁ ଥିବାବେଳେ ମୋଟ ୮ଟି ଦଳ ଯଥା ବିନାୟକ ବଏଜ, ଗାଲାକ୍ସି ଫାଇଟର, ଭେଟ୍ରାନ-୧୧, ସୁପର ଷ୍ଟ୍ରାଇକର, ରୟାଲ-୧୧, ବଜରଙ୍ଗୀ ଫାଇଟର, ଥଣ୍ଡର-୧୧, ସନସାଇନ୍ ଦଳ ଏଥିରେ ଅଂଶ ଗ୍ରହଣ କରିବେ । ସର୍ବୋତମ ପ୍ରଦର୍ଶନ କରୁଥିବା ଦଳମାନେ




ସେମିଫାଇନାଲ୍ ଓ ଫାଇନାଲ୍‌କୁ ପହଂଚିବେ । ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଦିନ ଓ ରାତ୍ରିରେ ଫ୍ଲଡ୍ ଲାଇଟ୍ ଆଲୋକରେ ଖେଳାଯିବାକୁ ବ୍ୟବସ୍ଥା କରାଯାଇଛି । ଶେଷ ଦିନ ୮ ତାରିଖରେ ଫାଇନାଲ୍ ମ୍ୟାଚ୍‌ଟି ରାତ୍ରିରେ ଆୟୋଜିତ ହେବ । ବିଜେତା ଓ ଉପବିଜେତା ଦଳକୁ ଆକର୍ଷଣୀୟ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି । ସ୍ଥାନୀୟ ଯୁବକଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବଢ଼ାଇବା ଓ ପ୍ରତିଭାଶାଳୀ ଖେଳାଳିମାନଙ୍କୁ ଏକ ମଂଚ ପ୍ରଦାନ କରିବା ହେଉଛି ଏହି ପ୍ରିମିୟର ଲିଗ୍‌ର ମୂଳ ଉଦ୍ଦେଶ୍ୟ ବୋଲି ଆୟୋଜକମାନେ କହିଛନ୍ତି । କ୍ରୀଡ଼ାପ୍ରେମୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ହୋଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଅନୁରୋଧ କରାଯାଇଛି । ଏହି ଖେଳକୁ ପରିଚାଳନା କରୁଛନ୍ତି ବିନାୟକ ବଏଜ କ୍ଲବ୍‌ର ପ୍ରାଣକୃଷ୍ଣ, ସୁମେଶ, ଅରବିନ୍ଦ, ରତିକାନ୍ତ, ମଳୟ, ଭରତ, ସମିମ୍, ବିଶ୍ୱଜିତ୍‌ଙ୍କ ସହ ଅନ୍ୟ ସମସ୍ତ କମିଟି ସଦସ୍ୟ ।







# ପୂର୍ବତଟ ରେଳପଥ ଓ ଇକୋର ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ




ଭୁବନେଶ୍ୱର : ପୂର୍ବ ତଟ ରେଳପଥ, ପୂର୍ବ ତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସହିତ ମିଳିତ ସହଯୋଗରେ ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମ୍ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ପାଳନ କରିଛି । ଏହି ଅବସରରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କର ଅବଦାନକୁ ସମ୍ମାନିତ କରାଯାଇଛି । ଏହି ଅବସରରେ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇକୋର ମହିଳା କଲ୍ୟାଣ ସଂଗଠନ ସଭାପତି ,ଶ୍ରୀମତୀ କବିତା ଫୁଙ୍କୱାଲ୍ ମହିଳା ରେଳ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ସେମାନଙ୍କର ଅନ୍ତର୍ନିହିତ ଶକ୍ତି ଓ କ୍ଷମତାକୁ ଚିହ୍ନଟ କରିବା ସହିତ , ଆତ୍ମବିଶ୍ୱାସ ଓ ଦୃଢ଼ ସଂକଳ୍ପ ସହିତ କାମ କରିବାକୁ ଏବଂ ସମର୍ପଣ ଭାବ ଓ ସଫଳତା ମାଧ୍ୟମରେ ଅନ୍ୟମାନଙ୍କୁ ପ୍ରେରଣା ଦେଇ ସଂଗଠନର ବିକାଶ ଓ ପ୍ରଗତିରେ ଯୋଗଦାନ ଜାରି ରଖିବାକୁ ଉତ୍ସାହିତ କରିଥିଲେ । ମୁଖ୍ୟ ବ୍ୟକ୍ତା ଭାବେ ଶ୍ରୀମତୀ କାନ୍ତା ମହାନ୍ତି, ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ଖୋର୍ଦ୍ଧା ଜିଲ୍ଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷା ଏବଂ POSH ପ୍ରଶିକ୍ଷିକା ଯୋଗଦେଇଥିଲେ । ଏହି ଅବସରରେ , ମୋଟ ୩୧ ଜଣ ମହିଳା ରେଳ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**